ନବ ସାକ୍ଷରମାନଙ୍କ କଲ୍ୟାଣ ସାଧନ ପାଇଁ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା

ଡକ୍ଟର ଦେବକାନ୍ତ ମିଶ୍ର

Digitized by srujanika@gmail.com

ନବ ସାକ୍ଷରମାନଙ୍କ କଲ୍ୟାଣ ସାଧନ ପାଇଁ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା

Digitized by srujanika@gmail.com

ନବ ସାକ୍ଷରମାନଙ୍କ କଲ୍ୟାଣ ସାଧନ ପାଇଁ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା

ପ୍ରଫେସର (ଡକ୍ଟର) ଦେବକାନ୍ତ ମିଶ୍ର

ନବଦିଗନ୍ତ

ବିନୋଦବିହାରୀ, କଟକ-୨

Digitized by srujanika@gmail.com

ନବସାକ୍ଷରମାନଙ୍କ କଲ୍ୟାଣ ସାଧନ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା

■
ଲେଖକ :
ପ୍ରଫେସର (ଡକ୍ଟର) ଦେବକାନ୍ତ ମିଶ୍ର
ଭୂତପୂର୍ବ ସଭାପତି, ଓଡ଼ିଶା ବିଜ୍ଞାନ ଏକାଡେମୀ, ଭୁବନେଶ୍ୱର
■
ପ୍ରକାଶକ :
ବିଭୁ ପ୍ରସାଦ ତ୍ରିପାଠୀ
ନବଦିଗନ୍ତ
ବିନୋଦବିହାରୀ
କଟକ - ୭୫୩ ୦୦୨
■
ପ୍ରଥମ ସଂସ୍କରଣ : ୨୦୦୮
■
ପ୍ରଚ୍ଛଦ : ବିଜୟ ପ୍ରଧାନ
■
ମୁଦ୍ରଣ :
ସାହୁ କମ୍ପ୍ୟୁଟର୍ ୟୁନିଟ୍ ଏବଂ
ସଂଗୀତା ପ୍ରିଣ୍ଟର୍ସ, କଟକ
■
ମୂଲ୍ୟ : ଟ. ୨୦-୦୦

NABA SAKHYARAMANANKA KALYANA SADHANA PAIN BINGYANA O' PRAJUKTIBIDYA

■
Written by :
Prof. Dr. Debakanta Mishra
■
Publishers :
Bibhu Prasad Tripathy
NABADIGANTA
Binodbihari
Cuttack - 753 002
■
First Edition : 2008
■
Cover Design :
Bijaya Pradhan
■
Printers :
Sahoo Computer Unit &
Sangita Printers, Cuttack
■
Price : Rs.20-00

Digitized by srujanika@gmail.com

ସୂଚୀପତ୍ର

☆ ଉପକ୍ରମ ୭

☆ ଶିକ୍ଷାକୁ ଜୀବନ ବ୍ୟାପି ଶିକ୍ଷାରେ
ପରିଣତ କରାଯିବାର ତାତ୍ପର୍ଯ୍ୟ ୯

☆ ଜନସ୍ୱାସ୍ଥ୍ୟର ସୁରକ୍ଷା ଦିଗରେ
ନବ ସାକ୍ଷରମାନଙ୍କ ଭୂମିକା ୧୨

☆ କୃଷି ଓ ପଶୁପାଳନ କ୍ଷେତ୍ରରେ
ନବ ସାକ୍ଷରମାନଙ୍କ ଭୂମିକା ୧୬

☆ ଶକ୍ତି ଯୋଗାଣ ଓ ପରିବେଶୀୟ ବିଭବରାଜିର
ପରିପୋଷଣକାରୀ ଉପଯୋଗ ବ୍ୟାପାରରେ
ନବ ସାକ୍ଷରମାନଙ୍କ ଭୂମିକା ୨୯

☆ ଜ୍ଞାନାଶ୍ରୟୀ ଯୁଗର ଆହ୍ୱାନଗୁଡ଼ିକର ସମ୍ମୁଖୀନ
ହେବା ବ୍ୟାପାରରେ ନବ ସାକ୍ଷରମାନଙ୍କ ଭୂମିକା ୩୪

☆ ଉପସଂହାର ୩୮

Digitized by srujanika@gmail.com

ଉପକ୍ରମ

ଏବେ ଛୋଟ ଛୋଟ ସହରମାନଙ୍କରେ ଯାହାସବୁ ମିଳୁଛି ଏବଂ ସେଠାକାର ସାଧାରଣ ବାସିନ୍ଦାମାନେ ଦୈନନ୍ଦିନ ଜୀବନ ଯାପନ ପାଇଁ ଯେଉଁ ପ୍ରକାର ସୁବିଧା ଓ ସୁଯୋଗ ପାଉଛନ୍ତି, ଗାଁ ଗହଳରେ ମଧ୍ୟ ସେହି ପ୍ରକାର ସୁବିଧା ଉଣା ଅଧିକେ ମିଳୁଛି । ବିଭିନ୍ନ ଅଞ୍ଚଳର ବିଭିନ୍ନ ପ୍ରକାର ଉପଯୋଗୀ ଖବର ପାଇବା ପାଇଁ ସହରାଞ୍ଚଳରେ ଯେପରି ଖବରକାଗଜ ଓ ବିଭିନ୍ନ ସ୍ୱାଦର ପତ୍ର ପତ୍ରିକାଗୁଡ଼ିକ ହାତ ପାହାନ୍ତାରେ ମିଳୁଛି, ଗାଁ ଗହଳର ବାସିନ୍ଦାମାନଙ୍କୁ ମଧ୍ୟ ସେଗୁଡ଼ିକୁ ଯୋଗାଇ ଦେବା ସମ୍ଭବ ହେଉଛି । ସହରାଞ୍ଚଳର ବାସିନ୍ଦାମାନଙ୍କ ଭଳି ଗ୍ରାମାଞ୍ଚଳର ବାସିନ୍ଦାମାନେ ମଧ୍ୟ ଟେଲିଗ୍ରାଫ୍ ଓ ଟେଲିଫୋନ ଭଳି ଯୋଗାଯୋଗ ବ୍ୟବସ୍ଥାଗୁଡ଼ିକର ସଦୁପଯୋଗ କରି ପାରୁଛନ୍ତି । ରେଡ଼ିଓ ଓ ବିଶେଷ ଭାବରେ ଟେଲିଭିଜନର କାର୍ଯ୍ୟକ୍ରମଗୁଡ଼ିକୁ ଗ୍ରାମାଞ୍ଚଳର ଲୋକେ ଏବେ ପୂର୍ଣ୍ଣ ପ୍ରାଣରେ ଉପଭୋଗ କରୁଛନ୍ତି । ଟେଲିଯୋଗାଯୋଗ ବ୍ୟବସ୍ଥାର ସମୃଦ୍ଧି ସାଧନ ବଳରେ ଏବେ ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ କମ୍ପ୍ୟୁଟର ଜରିଆରେ ଇଣ୍ଟରନେଟ୍ ଭଳି ଯୋଗାଯୋଗ ମାଧ୍ୟମର ସୁବିଧା ଯୋଗାଇ ଦେବା ପାଇଁ ବ୍ୟାପକ ଆୟୋଜନ କରାଯାଉଛି । ସହରାଞ୍ଚଳ ଓ ଗ୍ରାମାଞ୍ଚଳ ନିର୍ବିଶେଷରେ ଆମ ଦେଶର ସବୁ ଅଞ୍ଚଳର ବାସିନ୍ଦାମାନଙ୍କ ନିକଟରେ ସେମାନଙ୍କ ଦରକାର ଅନୁଯାୟୀ ଯଥା ସମୟରେ ଦରକାରୀ ତଥ୍ୟଗୁଡ଼ିକୁ ପହଞ୍ଚାଇ ଦେବା ପାଇଁ ବ୍ୟାପକ ଉଦ୍ୟମ କରାଯାଉଛି । ଆଶା କରାଯାଉଛି ଯେ ଏପରି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ଦ୍ୱାରା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବାସିନ୍ଦାମାନେ ସେମାନଙ୍କ ଦୈନନ୍ଦିନ ଜୀବନ ଯାପନ କରିବା ଅବସରରେ ବ୍ୟକ୍ତିଗତ, ପାରିବାରିକ ଓ ବୃତ୍ତିଗତ ବ୍ୟାପାରଗୁଡ଼ିକରେ ଯେଉଁ ପ୍ରକାର ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବେ ସେଗୁଡ଼ିକର ଦୂରୀକରଣ ପାଇଁ ସେମାନେ ଏହି ଇଲେକ୍ଟ୍ରୋନିକ୍ ପ୍ରସାର ମାଧ୍ୟମଗୁଡ଼ିକ ଜରିଆରେ ଯଥାଶୀଘ୍ର ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ସମୟୋପଯୋଗୀ ପରାମର୍ଶ ପାଇପାରିବେ । କୌଣସି ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ସରକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଇଲେକ୍ଟ୍ରୋନିକ୍ ମାଧ୍ୟମ ବା ଇଣ୍ଟର୍‌ନେଟ ଜରିଆରେ ଯେଉଁ ଆବେଦନ କରାଯିବ, ସେମାନେ ତାହାକୁ ଉପେକ୍ଷା କରିପାରିବେ ନାହିଁ । କାରଣ, ଏପରି ଇଲେକ୍ଟ୍ରୋନିକ୍ ପ୍ରଶାସନିକ ବ୍ୟବସ୍ଥାକୁ ଅନ୍ୟାନ୍ୟ ଉନ୍ନତ ଦେଶଗୁଡ଼ିକ ଭଳି ଆମ ଦେଶରେ ଆଇନ୍‌ସମ୍ମତ ରୂପ ପ୍ରଦାନ କରାଯାଇଛି । ଉଲ୍ଲିଖିତ ବିବରଣୀରୁ ଆମେ ବୁଝିପାରୁଛୁ ଯେ, ଇତର ଉନ୍ନତ ଦେଶଗୁଡ଼ିକ ଭଳି ବର୍ତ୍ତମାନ ଆମ ଦେଶରେ ସର୍ବତ୍ର ଗୋଟିଏ ତଥ୍ୟ ନିର୍ଭରଶୀଳ

Digitized by srujanika@gmail.com

ଜ୍ଞାନାଶ୍ରୟୀ ସମାଜର ପ୍ରତିଷ୍ଠା ପାଇଁ ବ୍ୟାପକ ଉଦ୍ୟମ କରାଯାଉଛି । ଏହାର ଭିତ୍ତି ପ୍ରସ୍ତରକୁ ସୁଦୃଢ଼ କରାଯିବା ଦ୍ୱାରା ଆମେ ଜ୍ଞାନ ବଳରେ ବଳୀୟାନ ହୋଇ ଆମ ଦେଶର ବାସିନ୍ଦାମାନଙ୍କର ତଥା ପୃଥିବୀର ଅଧିବାସୀମାନଙ୍କର ହିତ ସାଧନ ଦିଗରେ ଠିକଣା ଦାୟିତ୍ୱଗୁଡ଼ିକୁ ଠିକଣା ସମୟରେ କାର୍ଯ୍ୟକାରୀ କରାଇବାକୁ ସମର୍ଥ ହେବା । ଏପରି ଏକ ଜ୍ଞାନାଶ୍ରୟୀ ସମାଜର ରୂପକୁ ଜନହିତକାରୀ ତଥା ଆମ ଭୌତିକ ପରିବେଶ ଓ ପର୍ଯ୍ୟାବରଣର ପରିପୋଷଣକାରୀ ରୂପ ପ୍ରଦାନ କରିବା ବ୍ୟାପାରରେ ନବ ସାକ୍ଷରମାନେ ହିଁ ବିଶେଷ ଫଳପ୍ରଦ ଭୂମିକାରେ ଅବତୀର୍ଣ୍ଣ ହୋଇପାରିବେ ।

ଆମେ ଜାଣୁ ଯେ, ସାକ୍ଷରତାର ପ୍ରସାର ବଳରେ ଆମ ଦେଶରେ ଯେଉଁ ନବ ସାକ୍ଷରମାନଙ୍କୁ ସୃଷ୍ଟି କରାଯାଉଛି, ସେମାନେ ଉପଯୁକ୍ତ ଶିକ୍ଷା ଓ ତାଲିମ୍ ବଳରେ ଦେଶ ଦୁନିଆଁର ଘଟଣାପ୍ରବାହ ସମ୍ପର୍କରେ ଜାଣି ପାରିବାର ସାମର୍ଥ୍ୟରେ ଅଧିକାରୀ ହୋଇଛନ୍ତି । ସେମାନେ ପଢ଼ି ପାରୁଛନ୍ତି, ଲେଖି ପାରୁଛନ୍ତି ଏବଂ ଯେ କୌଣସି ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ସହଯୋଗ ପ୍ରଦାନ କରିବା ପାଇଁ ସେମାନଙ୍କୁ ଉପଯୁକ୍ତ ପ୍ରେରଣାଦାୟକ ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯାଇଛି । ସେମାନେ ଯେଉଁ ଶିକ୍ଷା ଓ ତାଲିମ୍ ପ୍ରାପ୍ତ ହୋଇ ନବସାକ୍ଷର ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇ ପାରିଛନ୍ତି, ତାହାକୁ ଯଦି ସେମାନେ ଜୀବନ ବ୍ୟାପି ଶିକ୍ଷାରେ ପରିଣତ କରାଇ ପାରନ୍ତି, ତାହାହେଲେ ସେମାନେ ଆମ ଦେଶର ପରିପୋଷଣକାରୀ ପ୍ରଗତିଶୀଳତାର କାର୍ଯ୍ୟକାରିତା ପଥରେ ଉପଯୁକ୍ତ ଓ ମୂଲ୍ୟବାନ ମାନବ ସମ୍ବଳ ଭାବରେ କ୍ରିୟାଶୀଳ ହୋଇ ପାରିବେ । ଏତଦ୍ୱାରା ସେମାନେ ପରିବର୍ତ୍ତନଶୀଳ ସମାଜର ଚାହିଦାନୁପାତରେ ସମୟୋପଯୋଗୀ ମାର୍ଗରେ ନିଜ ନିଜ କାର୍ଯ୍ୟଦକ୍ଷତାରେ ଅଭିବୃଦ୍ଧି ଘଟାଇ ଜାତୀୟ ଉତ୍ପାଦନର ଅଭିବୃଦ୍ଧି ଦିଗରେ ସହାୟକ ହେବା ସଙ୍ଗେ ସଙ୍ଗେ ନିଜ ନିଜ ସାଂଗଠନିକ ଓ ସମବାୟିକ କ୍ରିୟାଶୀଳତା ବଳରେ ନିଜ ନିଜ ପାରିପାର୍ଶ୍ୱିକ ଅଞ୍ଚଳର ସର୍ବାଙ୍ଗୀନ ପ୍ରଗତି ପଥରେ ନିଜ ନିଜର ଅବଦାନ ଯୋଗାଇ ପାରିବେ । ଜ୍ଞାନାଶ୍ରୟୀ ଯୁଗରେ ଦରକାରୀ ଜ୍ଞାନକୁ ହାତ ପାହାନ୍ତାରେ ପାଇ ନିଜକୁ ନିଜ ଦେଶର ପ୍ରଗତି ସାଧନ ଦିଗରେ ନିୟୋଜିତ କରିବା ପାଇଁ ଏବଂ ଆଗାମୀ ଜ୍ଞାନାଶ୍ରୟୀ ଯୁଗର ଆହ୍ୱାନଗୁଡ଼ିକର ଯଥାର୍ଥ ମୁକାବିଲା ଦିଗରେ ନିଜ ନିଜ ସାମର୍ଥ୍ୟରେ ଅଭିବୃଦ୍ଧି ଘଟାଇବା ପାଇଁ ସେମାନେ କିପରି ଭାବରେ ନିଜକୁ ଗଢ଼ି ପାରିବେ ? ଏହି ପୁସ୍ତକଟିରେ ସେହି ଜ୍ଞାତବ୍ୟ ବିଷୟ ସଂପର୍କରେ ସଂକ୍ଷିପ୍ତ ଆଲୋକପାତ କରାଯାଇଛି ।

Digitized by srujanika@gmail.com

ଶିକ୍ଷାକୁ ଜୀବନ ବ୍ୟାପି ଶିକ୍ଷାରେ ପରିଣତ କରାଯିବାର ତାତ୍ପର୍ଯ୍ୟ

ନବ ସାକ୍ଷରମାନେ ନିଜ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ନିଶ୍ଚିତଭାବରେ କୌଣସି ନା କୌଣସି ପ୍ରକାର ବୃତ୍ତିକୁ ଜୀବିକା ରୂପେ ଆଦରି ନେଇଛନ୍ତି । ଜ୍ଞାନାଲୋକ ପ୍ରାପ୍ତ ହେବା ପୂର୍ବରୁ ସେମାନେ ଯେଉଁ ପଦ୍ଧତି ଅବଲମ୍ବନରେ ଯେପରି ଭାବରେ ନିଜ ନିଜ ଆୟରେ ବୃଦ୍ଧି ଘଟାଇବା ପାଇଁ କର୍ମତତ୍ପର ହେଉଥିଲେ, ନବସାକ୍ଷରରେ ପରିଣତ ହୋଇଯିବା ପରେ ସେମାନେ ନିଶ୍ଚିତ ଭାବରେ ନିଜ ନିଜ କର୍ମପଦ୍ଧତିରେ ଏପରି ଶୁଭକାରୀ ପରିବର୍ତ୍ତନ ଘଟାଇବାକୁ ଚାହିଁବେ ଯେ, ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ବା ଉପକରଣଗୁଡ଼ିକ ଯେପରି ଉପଭୋକ୍ତାମାନଙ୍କ ପାଇଁ ଯୁଗୋପଯୋଗୀ, ରୁଚିକର ଓ ସୁଲଭ୍ୟ ହୋଇପାରିବ । ଆମେ ଜାଣି ପାରୁଛୁ ଯେ, ଆମେ ନିତିଦିନିଆଁ ଜୀବନରେ ଯେଉଁ ସମସ୍ତ ଦ୍ରବ୍ୟ ଓ ଉପକରଣଗୁଡ଼ିକୁ ବ୍ୟବହାର କରୁଛୁ ସେଗୁଡ଼ିକୁ ସହଜ ବ୍ୟବହାରଯୋଗ୍ୟ, ସୁନ୍ଦର ଓ ସୁଲଭ୍ୟ କରାଇବା ପାଇଁ ଉତ୍ପାଦକମାନେ ବରାବର ଯତ୍ନବାନ୍ ହେଉଛନ୍ତି । ହାଟ ବଜାରମାନଙ୍କରେ ଏକାଭଳି କାର୍ଯ୍ୟ ତୁଲାଇ ପାରୁଥିବା ବିଭିନ୍ନ ପ୍ରକାର ଦ୍ରବ୍ୟ ଓ ଉପକରଣ ସୁଲଭ୍ୟ ହେଉଛି । ତୁମୁଳ ବ୍ୟାବସାୟିକ ପ୍ରତିଯୋଗିତାରେ ବିଜୟୀ ହେବା ପାଇଁ ଜଣେ ଉତ୍ପାଦକ ବରାବର ନିଜ ଦ୍ୱାରା କିମ୍ୱା ନିଜ ଦ୍ୱାରା ପରିଚାଳିତ କୌଣସି ଅନୁଷ୍ଠାନ ଦ୍ୱାରା ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ଗ୍ରାହକମାନଙ୍କ ମନଲାଖି କରାଇବା ଦିଗରେ ଯତ୍ନବାନ୍ ହେଉଛନ୍ତି । ଏପରି ପରିସ୍ଥିତିରେ ନବ ସାକ୍ଷରମାନେ ନିଜ ନିଜ କାର୍ଯ୍ୟଦକ୍ଷତାରେ ଅଭିବୃଦ୍ଧି ଘଟାଇବା ପାଇଁ ତଥା ତଦନୁପାତରେ ନିଜ ନିଜ ଆୟରେ ସମୟାନୁକ୍ରମିକ ବୃଦ୍ଧି ଘଟାଇବା ପାଇଁ ନିଜ ଶିକ୍ଷା ଓ ତାଲିମ୍‌ର ପରିସରକୁ ନିଶ୍ଚିତ ଭାବରେ ଆବର୍ଦ୍ଧିତ କରାଇବାକୁ ଚାହିଁବେ । ସେମାନେ ପ୍ରସାର ମାଧ୍ୟମଗୁଡ଼ିକରୁ ଶିକ୍ଷଣୀୟ ଉପାଦାନଗୁଡ଼ିକୁ ସଂଗ୍ରହ କରିପାରିବେ । ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ଅସୁବିଧାଗୁଡ଼ିକର ଦୂରୀକରଣ ପାଇଁ ସେମାନେ ସଂପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ପ୍ରତିକାରମୂଳକ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଆବେଦନ କରିପାରିବେ । ସମଧର୍ମୀ ନବ ସାକ୍ଷରମାନେ ସହଯୋଗିତା ତଥା ସାଙ୍ଗଠନିକ ଉଦ୍ୟମ ବଳରେ କୌଣସି ପ୍ରକାର ପ୍ରତିବନ୍ଧକର ଅପସାରଣ ଦିଗରେ ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । ଏପରି କ୍ଷେତ୍ରରେ ସେମାନେ ନିଜ ନିଜ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବା ବେସରକାରୀ ସେବାକାରୀ ଅନୁଷ୍ଠାନଗୁଡ଼ିକର ସାହାଯ୍ୟ ମଧ୍ୟ ନେଇପାରିବେ ।

Digitized by srujanika@gmail.com



ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହିତ ତାଳ ମିଳାଇ ଆମ ବ୍ୟବହାରଯୋଗ୍ୟ ଦ୍ରବ୍ୟ ଓ ଉପକରଣଗୁଡ଼ିକୁ ଶସ୍ତା, ସୁନ୍ଦର ଓ ମଜବୁତ କରାଯାଉଥିବା ଯୋଗୁଁ ସେମାନେ ଯୁଗୋପଯୋଗୀ ଦ୍ରବ୍ୟ ବା ଉପକରଣଗୁଡ଼ିକର ପ୍ରସ୍ତୁତି ପାଇଁ ଆବଶ୍ୟକ ସ୍ଥଳେ ଉପଯୁକ୍ତ ତାଲିମ୍ ପ୍ରଦାନକାରୀ ଅନୁଷ୍ଠାନମାନଙ୍କରୁ ସାମୟିକ ଭାବରେ ତାଲିମ୍‌ପ୍ରାପ୍ତ ହୋଇପାରିବେ । ପୁଣି, ନିଜ ନିଜ ଆର୍ଥିକ ଅବସ୍ଥାରେ କ୍ରମୋନ୍ନତି ଘଟାଇବାର ଫଳ ସ୍ୱରୂପ ସେମାନେ ଯଦି ନିଜ ନିଜ କାର୍ଯ୍ୟଦକ୍ଷତାରେ ଅଭିବୃଦ୍ଧି ଘଟାଇବା ପାଇଁ ସାଧାରଣ ଶିକ୍ଷା ବା ଧନ୍ଦାମୂଳକ ଶିକ୍ଷା ପ୍ରାପ୍ତ ହେବା ପାଇଁ ଚାହାନ୍ତି, ତାହାହେଲେ ସେମାନେ କିଛି କାଳ ପାଇଁ ପୁଣି ଶିକ୍ଷା ଓ ତାଲିମ୍ ପ୍ରାପ୍ତ ହେବାର ସୁବିଧା ଉପଭୋଗ କରିପାରିବେ । ଏଥିପାଇଁ ଶିକ୍ଷା ବ୍ୟବସ୍ଥାକୁ ଗୋଟିଏ ଉନ୍ମୁକ୍ତ ସଂସ୍ଥିତି ଭାବରେ କ୍ରିୟାଶୀଳ କରାଇବାକୁ ହେବ । ଅର୍ଥାତ୍, ଯେ କୌଣସି ବ୍ୟକ୍ତି ତାଙ୍କ ବୟସ ନିର୍ବିଶେଷରେ ଯେ କୌଣସି ପ୍ରକାର ଶିକ୍ଷା ଓ ତାଲିମ୍ ପ୍ରାପ୍ତ ହେବା ପାଇଁ ଚାହିଁଲେ, ତାଙ୍କୁ ତାଙ୍କ ଚାହିଦାମୁତାବକ ସୁବିଧା ଯୋଗାଇ ଦେବାକୁ ହେବ । ପରିବର୍ତ୍ତନଶୀଳ ସମାଜରେ ନବ ସାକ୍ଷରମାନଙ୍କୁ ଯୁଗୋପଯୋଗୀ ମାର୍ଗରେ ନିଜ ନିଜ କାର୍ଯ୍ୟଦକ୍ଷତାରେ ଅଭିବୃଦ୍ଧି ଘଟାଇବା ପାଇଁ ଏ ପ୍ରକାର ସୁବିଧା ପ୍ରାପ୍ତିରୁ ବଞ୍ଚିତ କରାଗଲେ ସେମାନଙ୍କ ଆୟ ସମୟାନୁକ୍ରମେ ସଙ୍କୁଚିତ ହୋଇଯିବା ସଙ୍ଗେ ସଙ୍ଗେ ଜାତୀୟ ଉତ୍ପାଦନରେ ମଧ୍ୟ ତଦନୁପାତିକ

Digitized by srujanika@gmail.com

ହ୍ରାସ ଘଟିବ । ଆମ ଦେଶରେ ଶିକ୍ଷାକୁ ଗୋଟିଏ ଉନ୍ନୁକ୍ତ ସଂସ୍ଥିତିରେ ପରିଣତ କରିବା ପାଇଁ ଏବେ ବ୍ୟାପକ ଉଦ୍ୟମ ଅବ୍ୟାହତ ରହିଛି । ଏପରି ବ୍ୟବସ୍ଥାକୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ନିର୍ବିଶେଷରେ ଠିକଣା ଭାବରେ କାର୍ଯ୍ୟକାରୀ କରାଯିବା ଦ୍ୱାରା ହିଁ ଆମେ ଆମ ଦେଶର ନବସାକ୍ଷରମାନଙ୍କ ଜରିଆରେ ଜାତୀୟ ପ୍ରଗତିର ପଥକୁ ସୁଗମ୍ୟ କରାଇପାରିବା । ଏହା ଅବଶ୍ୟ ଜନକଲ୍ୟାଣକାରୀ ସରକାରଙ୍କର ଗୋଟିଏ ମୁଖ୍ୟ ଦାୟିତ୍ୱ । ସରକାରୀ କର୍ତ୍ତୃପକ୍ଷ, ବେସରକାରୀ ସେବାକାରୀ ଅନୁଷ୍ଠାନ ଓ ଦାତବ୍ୟ ଅନୁଷ୍ଠାନ ତଥା ମହାନୁଭବ ବ୍ୟକ୍ତିବିଶେଷଙ୍କ ସୁସଂଯୋଜିତ ଉଦ୍ୟମ ବଳରେ ଆମ ଦେଶର ବିଭିନ୍ନ ଅଞ୍ଚଳରେ ନବ ସାକ୍ଷରମାନଙ୍କ ଚାହିଦା ଅନୁଯାୟୀ ଯଦି ବହୁମୁଖୀ ଶିକ୍ଷା ଓ ତାଲିମ୍ ପ୍ରଦାନକାରୀ ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠା ସମ୍ଭବ ହୁଏ, ତାହାହେଲେ ନବ ସାକ୍ଷରମାନେ ସ୍ୱତଃପ୍ରବୃତ୍ତ ଭାବରେ ଶିକ୍ଷାକୁ ଜୀବନ ବ୍ୟାପି ଶିକ୍ଷାରେ ପରିଣତ କରି ପାରିବେ ଏବଂ ସେଥିପାଇଁ ସେମାନେ ନିଜ ନିଜ ଆର୍ଥିକ ଅବସ୍ଥାରେ କ୍ରମୋନ୍ନତି ଘଟାଇବା ସଙ୍ଗେ ସଙ୍ଗେ ଜାତୀୟ ଉତ୍ପାଦନରେ ଅଭିବୃଦ୍ଧି ଘଟାଇବା ଦିଗରେ ସହାୟକ ହୋଇ ପାରିବେ । ଯେ କୌଣସି ବ୍ୟକ୍ତି ଯେ କୌଣସି ଅବସ୍ଥାରେ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇଥିଲେ ମଧ୍ୟ ତାଙ୍କ ଜ୍ଞାନ ନିର୍ଭରଶୀଳ କାର୍ଯ୍ୟଦକ୍ଷତାକୁ ଯୁଗୋପଯୋଗୀ କରାଇବା ଦିଗରେ ଏପରି ଉପଯୁକ୍ତ ଶିକ୍ଷା ଓ ତାଲିମ୍ ପ୍ରଦାନକାରୀ ବ୍ୟବସ୍ଥାର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇ ପାରିବ । ସାରା ଦେଶର ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ବୃତ୍ତିରେ ଆତ୍ମନିୟୋଗ କରିଥିବା ନବ ସାକ୍ଷରମାନଙ୍କ କାର୍ଯ୍ୟଦକ୍ଷତାରେ ବୃଦ୍ଧି ଘଟାଇବା ପାଇଁ ଯଦି ଏହି ଶିକ୍ଷା ଓ ତାଲିମ୍ ପ୍ରଦାନକାରୀ ବ୍ୟବସ୍ଥାକୁ ଠିକଣା ଭାବରେ କାର୍ଯ୍ୟକାରୀ କରା ନଯାଏ, ତାହାହେଲେ ସେମାନେ ଅର୍ଜିତ ଶିକ୍ଷାକୁ ଜୀବନ ବ୍ୟାପି ଶିକ୍ଷାରେ ପରିଣତ କରିପାରିବେ ନାହିଁ । ଓଲଟି ଏହି ନବ ସାକ୍ଷରମାନେ ସମୟକ୍ରମେ ପୁଣି ନିରକ୍ଷର ବ୍ୟକ୍ତିମାନଙ୍କ ଭଳି ହତାଶାମୟ ଓ ଉଦାସୀନ ମନୋଭାବାପନ୍ନ ଜୀବନ ବିତାଇବାକୁ ବାଧ୍ୟ ହେବେ ।

Digitized by srujanika@gmail.com

ଜନସ୍ୱାସ୍ଥ୍ୟର ସୁରକ୍ଷା ଦିଗରେ
ନବ ସାକ୍ଷରମାନଙ୍କ ଭୂମିକା

ଆନୁଷ୍ଠାନିକ ଶିକ୍ଷା ପ୍ରାପ୍ତିରୁ ବଞ୍ଚିତ ଯେଉଁ ନିରକ୍ଷର ବ୍ୟକ୍ତିମାନଙ୍କୁ ନବସାକ୍ଷରରେ ପରିଣତ କରାଯାଉଛି ସେମାନଙ୍କୁ ସାକ୍ଷର କରାଯିବା ଅବସରରେ ଯେଉଁ ପ୍ରକାର ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯାଇଛି ସେଥିରେ ନିଜ ବାସଗୃହ ଓ ତାହାର ପାରିପାର୍ଶ୍ୱିକ ପରିବେଶକୁ ନିର୍ମଳ ରଖାଯିବା ସମ୍ପର୍କରେ, ନିଜର ତଥା ନିଜ ପରିବାରର ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଠିକଣା ଭାବରେ ଯତ୍ନବାନ୍ ହେବା ସମ୍ପର୍କରେ, ବିଭିନ୍ନ ସଂକ୍ରାମକ ବ୍ୟାଧି କବଳରୁ ନିଜକୁ ଓ ନିଜ ପରିବାରକୁ ମୁକ୍ତ ରଖାଯିବାର ଉପାୟ ସମ୍ପର୍କରେ, ପାନୀୟ ଜଳର ବିଶୋଧନ ଓ ବ୍ୟବହାର ସଂପର୍କରେ ତଥା ଯଥା ସମୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ନିଯୁକ୍ତ ଡାକ୍ତରମାନଙ୍କ ସହିତ ପରାମର୍ଶ କରାଯିବା ସଂପର୍କରେ ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯିବାର ବ୍ୟବସ୍ଥାକୁ ବୋଧଗମ୍ୟ ମାର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି । ଉଭୟ ସରକାରୀ କର୍ତ୍ତୃପକ୍ଷ ଓ ବେସରକାରୀ ସେବାକାରୀ ଅନୁଷ୍ଠାନଗୁଡ଼ିକ ମଧ୍ୟ ଜନସ୍ୱାସ୍ଥ୍ୟର ସୁରକ୍ଷା ଦିଗରେ ସମୟୋଚିତ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଦିଗରେ ବିଶେଷ ସଚେତନ ହେଉଥିବାର ଲକ୍ଷ୍ୟ କରାଯାଉଛି । ପିଲାମାନଙ୍କୁ ଯଥା ସମୟରେ ଓ ନିୟମିତ ଭାବରେ ନିର୍ଦ୍ଦିଷ୍ଟ ବୟସ ସୀମା ମଧ୍ୟରେ ପ୍ରତିଷେଧକ ଟୀକା ଦେବା ପାଇଁ; ମ୍ୟାଲେରିଆ, ବାତ ଜ୍ୱର, କୁଷ୍ଠ, ଯକ୍ଷ୍ମା ଆଦି ସଂକ୍ରାମକ ବ୍ୟାଧି କବଳରୁ ଆରୋଗ୍ୟ ହେବା ପାଇଁ ତଥା ଏଗୁଡ଼ିକର ନିରାକରଣ ପାଇଁ ନିଜ ନିଜ ଅଞ୍ଚଳରେ ଉପଯୁକ୍ତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ; ପ୍ରସବକାରିଣୀ ମହିଳା ଓ ନବଜାତ ଶିଶୁମାନଙ୍କ ମୃତ୍ୟୁ ହାରରେ ହ୍ରାସ ଘଟାଇବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ପାଇଁ; ଏଡ୍‌ସ ଭଳି ମାରାତ୍ମକ ବ୍ୟାଧିର ସଂକ୍ରମଣ କବଳରୁ ଜନସାଧରଣଙ୍କୁ ମୁକ୍ତ କରାଯିବା ଦିଗରେ ଉଦ୍ଦିଷ୍ଟ ବିବିଧ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ; ପରିବାର ନିୟନ୍ତ୍ରଣ ବ୍ୟାପାରରେ ମହିଳାମାନଙ୍କୁ ଯଥାର୍ଥ କ୍ଷମତାର୍ପଣ କରାଯିବା ପୂର୍ବକ ସନ୍ତାନ ପ୍ରସବକ୍ଷମା ମହିଳାମାନଙ୍କୁ ଏ ଦିଗରେ ବିହିତ ସତର୍କତାମୂଳକ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଗ୍ରାମସେବକ, ପ୍ରାଥମିକ ସ୍ୱାସ୍ଥ୍ୟ-କେନ୍ଦ୍ରମାନଙ୍କରେ ନିଯୁକ୍ତ ଚିକିତ୍ସକ ଏବଂ ଆଞ୍ଚଳିକ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସକ୍ରିୟ ହୋଇଥିବା ସେବାକାରୀ ଅନୁଷ୍ଠାନଗୁଡ଼ିକ ଜନସ୍ୱାସ୍ଥ୍ୟର ସୁରକ୍ଷା ଓ ହେପାଜତ ଦିଗରେ ବିଜ୍ଞାନସମ୍ମତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଉଛନ୍ତି । ମାତ୍ର

Digitized by srujanika@gmail.com

ଏପରି କ୍ଷେତ୍ରରେ ଅନେକ ସମୟରେ ଦୁର୍ନୀତି ଓ ବିଶୃଙ୍ଖଳା ଯୋଗୁଁ ଜନସ୍ୱାସ୍ଥ୍ୟର ସୁରକ୍ଷା ଓ ହେପାଜତ ଦିଗରେ ପ୍ରତିଷ୍ଠିତ ଅବସ୍ଥାପନାଗୁଡ଼ିକର ଯଥୋଚିତ ସଦୁପଯୋଗ ସମ୍ଭବ ହେଉନାହିଁ । ମଫସଲ ଅଞ୍ଚଳମାନଙ୍କରେ ସରକାରୀ ଡାକ୍ତରଖାନାମାନଙ୍କରେ ଡାକ୍ତରମାନଙ୍କର ଅନୁପସ୍ଥିତି, ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀମାନଙ୍କ ଅବହେଳା, ଅସତ୍ ଉପାୟରେ ଅର୍ଥୋପାର୍ଜନ ତଥା ବିଜ୍ଞାପନସର୍ବସ୍ୱ ମନୋବୃତ୍ତି ଯୋଗୁଁ ଅନେକ ଅଞ୍ଚଳରେ ଜନବସତିମାନଙ୍କରେ ସ୍ୱାସ୍ଥ୍ୟକର ପରିବେଶର ସର୍ଜନା ବ୍ୟାପାରରେ ତଥା ଚିକିତ୍ସା ବ୍ୟବସ୍ଥାର ଦାରୁଣ ଅଧୋଗତି ଘଟୁଛି । ଅବଶ୍ୟ ଏବେ ପ୍ରସାର ମାଧ୍ୟମଗୁଡ଼ିକ ଏପରି ଅବ୍ୟବସ୍ଥାର ଦୂରୀକରଣ ପାଇଁ ବିଶେଷ ସଜାଗ ହେଉଥିବା ଯୋଗୁଁ ଏହି ଦୁର୍ନୀତିମୟ ଓ ବିଶୃଙ୍ଖଳ ପରିସ୍ଥିତିକୁ କିଛି ପରିମାଣରେ ସୁଧାରିବା ସମ୍ଭବ ହେଉଛି ।



ଜ୍ଞାନାଶ୍ରୟୀ ଯୁଗରେ ଜ୍ଞାନର ବିତରଣ ବ୍ୟାପାରରେ ଗଣତାନ୍ତ୍ରୀକରଣ ବ୍ୟବସ୍ଥାକୁ ସର୍ବବ୍ୟାପକ କରାଯିବା ପାଇଁ ଯେଉଁ ଉଦ୍ୟମର ଶୁଭାରମ୍ଭ ଘଟିଛି, ସେଥିରେ ଜନସ୍ୱାସ୍ଥ୍ୟର ସୁରକ୍ଷା ଓ ହେପାଜତକୁ ମଧ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଭାବ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ତଥ୍ୟ-ଟେକ୍ନୋଲୋଜିଗୁଡ଼ିକ ଦ୍ୱାରା କାର୍ଯ୍ୟକ୍ଷମ ହୋଇପାରୁଥିବା ଏପରି ବ୍ୟବସ୍ଥାକୁ ଟେଲି-ମେଡ଼ିସିନ ବା ଟେଲି-ଚିକିତ୍ସା ନାମରେ ଅଭିହିତ କରାଯାଇଛି । ଏତଦ୍ୱାରା ଦୁର୍ଗମ ଗ୍ରାମାଞ୍ଚଳରେ ବା ସହରାଞ୍ଚଳରେ ବାସ କରୁଥିବା ଯେ କୌଣସି ବ୍ୟକ୍ତି କୌଣସି ଦୁରାରୋଗ୍ୟ ବ୍ୟାଧି ଦ୍ୱାରା ଆକ୍ରାନ୍ତ ହେଲେ ତାଙ୍କ ଚିକିତ୍ସା ପାଇଁ ସହରାଞ୍ଚଳର ଯେ କୌଣସି ଡାକ୍ତରଖାନାରେ କର୍ମମୁଖର

Digitized by srujanika@gmail.com

ଜୀବନ ବିତାଉଥିବା ଚିକିତ୍ସକମାନଙ୍କ ସହିତ ପରାମର୍ଶ କରାଯାଇପାରିବ । ଏପରିକି ବଡ଼ ବଡ଼ ଡାକ୍ତରଖାନା ବା ଘରୋଇ ପ୍ରତିଷ୍ଠାନରେ ନିଯୁକ୍ତ ସୁଦକ୍ଷ ଓ ଅଭିଜ୍ଞ ଶଲ୍ୟଚିକିତ୍ସକମାନଙ୍କ ପ୍ରତ୍ୟକ୍ଷ ପରାମର୍ଶ କ୍ରମେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜିଲ୍ଲାସ୍ତରୀୟ ଡାକ୍ତରଖାନାମାନଙ୍କରେ ଦରକାର ବେଳେ ଜଟିଳ ଅସ୍ତ୍ରୋପଚାରକୁ ଠିକଣା ଭାବରେ କାର୍ଯ୍ୟକାରୀ କରାଯାଇପାରିବ । ଉଲ୍ଲିଖିତ ଆଲୋଚନାରୁ ଆମେ ବୁଝିପାରୁଛୁ ଯେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ନିର୍ବିଶେଷରେ ଯେ କୌଣସି ଦେଶର ଯେ କୌଣସି ଅଞ୍ଚଳରେ ଜନସ୍ୱାସ୍ଥ୍ୟର ସୁରକ୍ଷା ଓ ହେପାଜତ ପାଇଁ ଚିକିତ୍ସାବିଜ୍ଞାନ ତଥା ଯୋଗାଯୋଗ ବ୍ୟବସ୍ଥାର ସମୁନ୍ନତି ସାଧନ ସମ୍ଭବ ହୋଇଛି; ମାତ୍ର ଏହି ଟେକ୍ନୋଲୋଜିଗୁଡ଼ିକର ଜନହିତକାରୀ ଉପଯୋଗ ପାଇଁ ଯେଉଁ ପ୍ରକାର ଦୁର୍ନୀତିମୁକ୍ତ, ନିରପେକ୍ଷ, ଶୃଙ୍ଖଳିତ ତଥା ବସ୍ତୁନିଷ୍ଠ ଆଚରଣର ଅନିବାର୍ଯ୍ୟ ଆବଶ୍ୟକତା ଉପୁଜୁଛି, ତାହାର ଦାରୁଣ ଅଭାବ ହିଁ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଟିର ସନ୍ତୋଷପ୍ରଦ ସମାଧାନ ବ୍ୟାପାରରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଛି । ଏହି ମାତ୍ର ଅଳ୍ପ କିଛି ବର୍ଷ ହେଲା ଆମ ଦେଶରେ ଏପରି ଅବ୍ୟବସ୍ଥାର ଅପସାରଣ ପାଇଁ ଇଲେକ୍‌ଟ୍ରୋନିକ୍ ପ୍ରଶାସନିକ ବ୍ୟବସ୍ଥାକୁ ସର୍ବତ୍ର କାର୍ଯ୍ୟକାରୀ କରାଯିବା ଦିଗରେ ଅଗ୍ରାଧିକାର ଭିତ୍ତିରେ ବିହୀତ ଅବସ୍ଥାପନାଗୁଡ଼ିକୁ ସୃଷ୍ଟି କରାଯାଉଛି ।

ଆମେ ବୁଝିବାର କଥା ଯେ, କୌଣସି ଗୋଟିଏ ଅଞ୍ଚଳର ବାସିନ୍ଦାମାନଙ୍କୁ ଅର୍ଥନୈତିକ ସ୍ୱଚ୍ଛଳତା ଯୋଗାଇ ଦେବା ପାଇଁ ତଥା ସେମାନଙ୍କ ଜୀବନ ଧାରଣର ଗୁଣାତ୍ମକ ମାନରେ ସମୟାନୁକ୍ରମିକ ଅଭିବୃଦ୍ଧି ଘଟାଇବା ପାଇଁ ଯେଉଁ ସମସ୍ୟାଗୁଡ଼ିକର ସମାଧାନ ଜରୁରୀ ବୋଧ ହେଉଛି ସେଗୁଡ଼ିକ ପରସ୍ପରଠାରୁ ପୃଥକ୍ ହୋଇନାହାନ୍ତି; ସେଗୁଡ଼ିକ ମଧ୍ୟରେ ନିହିତ ଅର୍ଥସୂଚକ ଯୋଗସୂତ୍ରଗୁଡ଼ିକୁ ଠିକଣା ଭାବରେ ଚିହ୍ନିବା ପୂର୍ବକ ଗୋଟିଏ ଅଞ୍ଚଳର ସର୍ବାଙ୍ଗୀନ ପ୍ରଗତି ସାଧନ ଦିଗରେ ଯତ୍ନବାନ ହେବା ଦ୍ୱାରା ହିଁ ସେଠାକାର ବାସିନ୍ଦାମାନଙ୍କ ଦୁର୍ଦ୍ଦଶାର ଅପସାରଣ ସମ୍ଭବ ହୋଇପାରିବ । ଏବେ ଲକ୍ଷ୍ୟ କରାଯାଉଛି ଯେ, ଆମ ଦେଶ, ବାଙ୍ଗ୍‌ଲାଦେଶ, ପାକିସ୍ତାନ ଓ ଶ୍ରୀଲଙ୍କା ଭଳି ବିକାଶଶୀଳ ଦେଶମାନଙ୍କରେ କେତେକ ମହାନୁଭବ ଓ ବିଜ୍ଞ ବ୍ୟକ୍ତିଙ୍କ ନେତୃତ୍ୱରେ ଏପରି ସେବାକାରୀ ସଙ୍ଗଠନଗୁଡ଼ିକୁ ଗଢ଼ାଯିବା ସମ୍ଭବ ହୋଇଛି ଯେ ତାହାର ସଦସ୍ୟଭୁକ୍ତ ନବ ସାକ୍ଷରମାନେ ଇଣ୍ଟରନେଟ ଓ ସେଲ୍‌ଫୋନ୍ ଜରିଆରେ ବ୍ୟକ୍ତିଗତ ଓ ସାଙ୍ଗଠନିକ ମାର୍ଗରେ ନିଜ ନିଜ ଅଞ୍ଚଳର ବିଭିନ୍ନ ବୃତ୍ତିକୁ ଆଦରି ନେଇଥିବା ବାସିନ୍ଦାମାନଙ୍କର ସମସ୍ୟାଗୁଡ଼ିକୁ ସମାଧାନ କରିପାରୁଛନ୍ତି । ନବ ସାକ୍ଷରମାନଙ୍କୁ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ଏପରି ଉନ୍ନୟନମୂଳକ ସମସ୍ୟାଗୁଡ଼ିକ ସହ ପ୍ରୋତ୍ସାହନ ପ୍ରଦାନକାରୀ ମାର୍ଗରେ ଜଡ଼ିତ କରାଇବା ଦ୍ୱାରା ସେମାନେ ଏ ଦିଗରେ ପ୍ରଶଂସନୀୟ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଇବାକୁ ସମର୍ଥ ହେଉଛନ୍ତି ।

Digitized by srujanika@gmail.com

ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା, ସ୍ୱାସ୍ଥ୍ୟର ହେପାଜତ, ପରିବାର ନିୟନ୍ତ୍ରଣ ଏବଂ କୌଣସି ସଂକ୍ରାମକ ବ୍ୟାଧିର ସାମୟିକ ପ୍ରାଦୁର୍ଭାବ ଆଦି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାରୀ ବା ବେସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଶିକ୍ଷଣୀୟ ଓ ଅନୁକରଣୀୟ କାର୍ଯ୍ୟକ୍ରମଗୁଡ଼ିକୁ ନିଜ ନିଜ ଅଞ୍ଚଳରେ କାର୍ଯ୍ୟକାରୀ କରାଇବାର ଫଳ ସ୍ୱରୂପ ସ୍ଥାନୀୟ ବାସିନ୍ଦାମାନେ ସ୍ୱାସ୍ଥ୍ୟର ସୁରକ୍ଷା ଓ ହେପାଜତ ଦିଗରେ ଠିକଣା ଦିକ୍‌ଦର୍ଶନର ଅନୁଗାମୀ ହେବା ପାଇଁ ସ୍ୱତଃପ୍ରବୃତ୍ତ ଭାବରେ ଆଗ୍ରହ ପ୍ରକାଶ କରୁଛନ୍ତି । ବିଶେଷ ଭାବରେ ମହିଳା ଓ ଶିଶୁମାନଙ୍କ ମୃତ୍ୟୁ-ହାରରେ ହ୍ରାସ ଘଟାଇବା ପାଇଁ ତଥା ସେମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ପାଇଁ ଠିକଣା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଦ୍ୱାରା ଯଥାର୍ଥରେ ମହିଳା ଓ ଶିଶୁମାନଙ୍କୁ କ୍ଷମତାର୍ପଣ କରାଯିବାର ମହନୀୟ କର୍ମାଭିମୁଖ୍ୟଟିକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରାଯିବା ସମ୍ଭବ ହେଉଛି । ଯେଉଁ ଅଞ୍ଚଳମାନଙ୍କରେ ଉପଯୁକ୍ତ ପ୍ରଶାସନିକ ଓ ପରିଚାଳନାଗତ ପଦ୍ଧତିଗୁଡ଼ିକୁ ଠିକଣା ଭାବରେ କାର୍ଯ୍ୟକାରୀ କରାଯିବା ସମ୍ଭବ ହେଉଛି, ସେପରି ଅଞ୍ଚଳର ଜନସାଧାରଣ ଏବେ ନିଜ ନିଜ ଦାୟିତ୍ୱ ସମ୍ପର୍କରେ ତଥା ରାଷ୍ଟ୍ରାୟତ୍ତ ଓ ବେସରକାରୀ ବ୍ୟବସ୍ଥାଗୁଡ଼ିକର ସମୟୋଚିତ କାର୍ଯ୍ୟାନୁଷ୍ଠାନର ଉପାଦେୟତା ସମ୍ପର୍କରେ ସଚେତନ ହେଉଛନ୍ତି । ଏପରି ସଚେତନାର ସୁପରିଣତି ସ୍ୱରୂପ ନିକଟ ଅତୀତରେ ଆମ ଦେଶର କେତେକ ଅଞ୍ଚଳର ବାସିନ୍ଦାମାନେ ସରକାରୀ କର୍ତ୍ତୃପକ୍ଷଙ୍କ ଉପେକ୍ଷା, ଅବହେଳା ଓ ଦୁର୍ନୀତି ସମ୍ପର୍କରେ ଇଣ୍ଟରନେଟ୍ ଜରିଆରେ ଯେଉଁ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ତାହାର ଫଳ ସ୍ୱରୂପ ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀମାନଙ୍କ ପ୍ରତି ମଧ୍ୟ ଆଇନ୍‌ସମ୍ମତ ଦଣ୍ଡ ବିଧାନ କରାଯିବା ସମ୍ଭବ ହୋଇଛି । ଏଣୁ ଆମେ ବୁଝିପାରୁଛୁ ଯେ, ନବ ସାକ୍ଷରମାନଙ୍କୁ ନିଜ ନିଜ ଅଞ୍ଚଳରେ ଠିକଣା ଭାବରେ କାର୍ଯ୍ୟକ୍ଷମ ହୋଇପାରିବା ଭଳି ଅନୁକୂଳ ବସ୍ତୁନିଷ୍ଠ ପରିବେଶ ଯୋଗାଇଦେବା ସମ୍ଭବ ହେଲେ ସେମାନେ ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଦୁପଯୋଗ ବଳରେ ତଥା ନିଜ ନିଜ ଅଞ୍ଚଳରେ ସୁଲଭ୍ୟ ମାନବ ସମ୍ବଳର ଜନହିତକାରୀ ଉପଯୋଗ ବଳରେ ଉପଯୁକ୍ତ ଚିକିତ୍ସା-ପଦ୍ଧତି ଏବଂ ପ୍ରତିକାରମୂଳକ ଓ ନିରାକରଣକ୍ଷମ ସ୍ୱାସ୍ଥ୍ୟର ସୁରକ୍ଷାକାରୀ ପଦ୍ଧତିଗୁଡ଼ିକୁ ସମୟୋଚିତ ମାର୍ଗରେ କାର୍ଯ୍ୟକାରୀ କରାଇବା ପୂର୍ବକ ନିଜ ନିଜ ଅଞ୍ଚଳର ବାସିନ୍ଦାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଓ ହେପାଜତ ବ୍ୟାପାରରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ।

Digitized by srujanika@gmail.com

କୃଷି ଓ ପଶୁପାଳନ କ୍ଷେତ୍ରରେ ନବ ସାକ୍ଷରମାନଙ୍କ ଭୂମିକା

ଆମ ଦେଶ ଗୋଟିଏ ବିଶାଳ କୃଷିପ୍ରଧାନ ରାଷ୍ଟ୍ର । ଏବେ ମଧ୍ୟ ଆମ ଦେଶର ପ୍ରାୟ ୭୦ପ୍ରତିଶତ ବାସିନ୍ଦା କୃଷିକୁ ଜୀବିକା ରୂପେ ଆଦରି ନେଇଛନ୍ତି । ମାତ୍ର କୃଷିଜାତ ଦ୍ରବ୍ୟର ଉତ୍ପାଦନ ଆମ ଦେଶର ମୋଟ ଘରୋଇ ଉତ୍ପାଦନର ଏକ-ଚତୁର୍ଥାଂଶଠାରୁ ମଧ୍ୟ କମ୍ ହୋଇଛି । ପାରମ୍ପରିକ ପ୍ରଥା ଅନୁଯାୟୀ ଗ୍ରାମାଞ୍ଚଳର ବାସିନ୍ଦାମାନେ ଉତ୍ତରାଧିକାର ସୂତ୍ରରେ ଚାଷକୁ ଜୀବିକା ରୂପେ ଆଦରି ନେଉଥିବା ଅବସରରେ ଭାଇ ଭାଗ ଯୋଗୁଁ ପ୍ରତ୍ୟେକ ପରିବାର ଭାଗରେ ସତ୍ତ୍ୱାଧିକାର ସୂତ୍ରରେ ମିଳୁଥିବା ଜମିର ବିସ୍ତୃତି କ୍ରମହ୍ରାସମାନ ରୂପ ଧାରଣ କରୁଛି । ସମକାଳୀନ ଭାବରେ ସମୟାନୁକ୍ରମେ ସହରାଞ୍ଚଳର ସଂପ୍ରସାରଣ, ରାସ୍ତାଘାଟର ନିର୍ମାଣ ଓ ଶିଳ୍ପାଞ୍ଚଳଗୁଡ଼ିକର ପ୍ରତିଷ୍ଠା ବାବଦରେ ପ୍ରତି ବର୍ଷ ଚାଷ ଉପଯୋଗୀ ଜମିକୁ ଅକ୍ତିଆର କରାଯାଉଥିବା ଯୋଗୁଁ ମୋଟ ଶସ୍ୟକ୍ଷେତ୍ରଗୁଡ଼ିକର ବିସ୍ତୃତି କମିବାରେ ଲାଗିଛି । ପୁଣି, ଅପରିଣାମଦର୍ଶୀ ମାର୍ଗରେ ଅଧିକରୁ ଅଧିକ ଫସଲ ଉତ୍ପାଦନ ପାଇଁ ଚାଷ ଜମିର ବିରଳ ମୃତ୍ତିକା ସ୍ତରକୁ ଏପରି ପ୍ରଦୂଷିତ କରାଯାଉଛି ଯେ, ବର୍ଜିତ ଜମିର ବିସ୍ତୃତି ମଧ୍ୟ ଇତ୍ୟବସରରେ କ୍ରମବର୍ଦ୍ଧମାନ ରୂପ ଧାରଣ କରିଛି । ଏପରି ପରିସ୍ଥିତିରେ ଗ୍ରାମାଞ୍ଚଳର ସାଧାରଣ ଚାଷୀ ଓ ନାମମାତ୍ର ଚାଷୀମାନେ କୃଷିକୁ ଜୀବିକା ରୂପେ ଆଦରି ନେଇ ସୀମିତ ଚାଷ ଜମିରୁ ମିଳୁଥିବା ଫସଲ ବିନିମୟରେ ପରିବାରର ଭରଣ ପୋଷଣ କରିବାକୁ ଅପାରଗ ହେଉଛନ୍ତି । ସେମାନେ ଚାହୁଁଥିଲେ ମଧ୍ୟ ଗ୍ରାମାଞ୍ଚଳରେ ସେମାନଙ୍କୁ ବର୍ଷ ସାରା କୌଣସି ପ୍ରକାର କୃଷି ନିର୍ଭରଶୀଳ ଆୟକାରୀ ଜୀବିକା ମିଳୁନାହିଁ । ଏଣୁ ଲକ୍ଷ୍ୟ କରାଯାଉଛି ଯେ, ଗ୍ରାମାଞ୍ଚଳର ବାସିନ୍ଦାମାନେ ବିକଳ୍ପ ଆୟକାରୀ ବୃତ୍ତି ପାଇବା ଆଶାରେ କ୍ରମ ବର୍ଦ୍ଧମାନ ସଂଖ୍ୟାରେ ସହରାଞ୍ଚଳକୁ ବା ଶିଳ୍ପାଞ୍ଚଳକୁ ଚାଲିଯାଉଛନ୍ତି । ସେମାନେ ସହରାଞ୍ଚଳର ଅସ୍ୱାସ୍ଥ୍ୟକର ପରିବେଶରେ ବସତି ପ୍ରତିଷ୍ଠା କରୁଛନ୍ତି । କାୟିକ ଶ୍ରମ ନିର୍ଭରଶୀଳ ଏହି ପୁରୁଷ ଓ ମହିଳାମାନେ ଅତି ଅସହାୟ ଅବସ୍ଥାରେ ଏଠାରେ ନିଃସଙ୍ଗ ଓ ଦୁଃସ୍ଥ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି ।

ଆମେ ଜାଣିଛୁ ଯେ ଏକଦା ଆମ ଦେଶର ଉତ୍କଟ ଖାଦ୍ୟ ସମସ୍ୟାର ସମାଧାନ ଦିଗରେ ସବୁଜ ବିପ୍ଳବ ଗୋଟିଏ ଐତିହାସିକ ଭୂମିକା ଗ୍ରହଣ କରିଥିଲା । ଅଧିକ ଉତ୍ପାଦନକ୍ଷମ ବିହନ, କୃତ୍ରିମ ସାର, ଅପେକ୍ଷାକୃତ ଅଧିକ ପରିମାଣର ଜଳ

Digitized by srujanika@gmail.com

ବ୍ୟବହାର କରି ଆମ ଦେଶର ପଞ୍ଜାବ, ହରିଆଣା ଓ ପଶ୍ଚିମ ଉତ୍ତରପ୍ରଦେଶର ଚାଷୀମାନେ ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ପରିମାଣର ଧାନ ଓ ଗହମ ଉତ୍ପାଦନ କରିବା ଯୋଗୁଁ ଆମ ଦେଶ ଖାଦ୍ୟଶସ୍ୟ ଉତ୍ପାଦନ ବ୍ୟାପାରରେ ସ୍ୱାବଲମ୍ବୀ ହେଲା । ମାତ୍ର ଏବେ ଜଣାପଡୁଛି ଯେ, ଏହି ପ୍ରଥାକୁ କାର୍ଯ୍ୟକାରୀ କରାଯିବାର ଫଳ ସ୍ୱରୂପ ସାମୟିକ ଭାବରେ ଖାଦ୍ୟଶସ୍ୟ ଉତ୍ପାଦନରେ ବୃଦ୍ଧି ଘଟିଥିଲେ ହେଁ, ଚାଷ ଜମିଗୁଡ଼ିକ ଏଥିପାଇଁ ନିଜ ନିଜର ସ୍ୱାଭାବିକ ଉତ୍ପାଦିକା ଶକ୍ତି ହରାଉଛନ୍ତି ଏବଂ ଏହି ସବୁଜ ବିପ୍ଳବର ବାସ୍ତବ ରୂପାୟନ ବଳରେ କେବଳ ବଡ଼ ବଡ଼ ଚାଷୀମାନେ ହିଁ ବିଶେଷ ଉପକୃତ ହେଉଛନ୍ତି । ଏବେ ଆଉ ସବୁଜ ବିପ୍ଳବର ପୁନରାବୃତ୍ତି ବଳରେ ଧାନ ଓ ଗହମର ଉତ୍ପାଦନକୁ ବଢ଼ାଇଦେବା ସମ୍ଭବ ହେଉନାହିଁ; ଓଲଟି କେତେକ ଶସ୍ୟକ୍ଷେତ୍ର ବର୍ଜିତ ଜମିରେ ପରିଣତ ହୋଇଛି । ମାତ୍ର ସମକାଳୀନ ଭାବରେ ଆମ ଦେଶରେ ଜନସଂଖ୍ୟାର ଅଭିବୃଦ୍ଧି ଅବ୍ୟାହତ ରହିଛି । ୨୦୫୦ ମସିହା ବେଳକୁ ଆମ ଦେଶର ବାସିନ୍ଦାମାନଙ୍କୁ ଚାହିଦା ମୁତାବକ ଖାଦ୍ୟଶସ୍ୟ ଯୋଗାଇଦେବା ଆଜହୁଁ ଏକ ଅତୀବ ଆୟାସସାଧ୍ୟ ବ୍ୟାପାର ଭଳି ଜଣାପଡୁଛି । ଜନସଂଖ୍ୟାର ଅଭିବୃଦ୍ଧି ସହ ତାଳ ମିଳାଇ ମୋଟ ଚାଷୋପଯୋଗୀ ଶସ୍ୟକ୍ଷେତ୍ରର ବିସ୍ତୃତିରେ ଓଲଟି କ୍ରମହ୍ରାସ ଘଟୁଛି ଏବଂ ସମକାଳୀନ ଭାବରେ ଜଳାଭାବ ମଧ୍ୟ କୃଷିକ୍ଷେତ୍ରରେ ଏକ ଉଦ୍‌ବେଗଜନକ ପରିସ୍ଥିତିର ସୂତ୍ରପାତ ଘଟାଇଛି । ଏଣୁ ଆଗାମୀ ଦିନମାନଙ୍କରେ ଆମ ଦେଶର ଚାଷୀମାନଙ୍କ ଆର୍ଥିକ ଅବସ୍ଥା ପୂର୍ବାପେକ୍ଷା ଆହୁରି ଶୋଚନୀୟ ରୂପ ଧାରଣ କରିବାର ଆଶଙ୍କାକୁ ଏଡ଼ାଇ ଦେବା ସମ୍ଭବ ହେଉନାହିଁ ।

କୃଷିକୁ ଏକ ଲାଭପ୍ରଦ ଜୀବିକା ଭାବରେ ପ୍ରତିଷ୍ଠିତ କରାଯିବା ସମ୍ଭବ ହୋଇ ପାରିଲେ ତଥା ବଜାରମାନଙ୍କରେ କୃଷିଜାତ ଦ୍ରବ୍ୟଗୁଡ଼ିକର ବ୍ୟାବସାୟିକ କାରବାର ବଳରେ ସମ୍ପୃକ୍ତ କୃଷକମାନଙ୍କ ହାତମୁଠାକୁ ଟାଣ କରାଯିବା ସମ୍ଭବ ହୋଇପାରିଲେ ସେମାନେ ଉତ୍ସାହିତ ହୋଇ ସମୟାନୁକ୍ରମେ ଅଧିକରୁ ଅଧିକ ସମୁନ୍ନତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଇ ଆମ ଦେଶର ଖାଦ୍ୟ ସମସ୍ୟାର ସମାଧାନ କରିପାରିବା ସଙ୍ଗେ ସଙ୍ଗେ ନିଜ ନିଜ ଆର୍ଥିକ ଅବସ୍ଥାରେ କ୍ରମୋନ୍ନତି ଘଟାଇ ପାରିବେ । ଏପରି ଘଟିବା ସମ୍ଭବ ହେଲେ ସେମାନେ ପେଟ ବିକଳରେ ସହରକୁ ଚାଲିଯିବା ଭଳି ଦୟନୀୟ ପରିସ୍ଥିତିର ସୂତ୍ରପାତ ଘଟିବ ନାହିଁ । ମାତ୍ର ଏହା ସମ୍ଭବ ହେବ କିପରି ? ବୁଦ୍ଧିମାନ ମନୁଷ୍ୟ ଦାୟାଦିକ ସୂତ୍ରରେ ବହୁ ବର୍ଷ ବ୍ୟାପି କୃଷିର ସମୁନ୍ନତି ସାଧନ ଦିଗରେ ଦେଶୋପଯୋଗୀ ବ୍ୟବସ୍ଥାଗୁଡ଼ିକରେ ଶୁଭକାରୀ ପରିବର୍ତ୍ତନ ଘଟାଇ ପାରିଛି । ଏବେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଦୁପଯୋଗ ବଳରେ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ ପାଇଁ ଉନ୍ନତ ଧରଣର ବିହନ ଓ ବୀଜଗୁଡ଼ିକୁ ପ୍ରସ୍ତୁତ କରାଯାଉଛି । ପୁଣି, ଆଧୁନିକ ଆଣବିକ ଜୀବବିଜ୍ଞାନ ଓ ଆନୁବଂଶିକୀ

Digitized by srujanika@gmail.com

ନିର୍ଭରଶୀଳ ଜୈବ ପ୍ରଯୁକ୍ତି ବିଦ୍ୟାର ସମୃଦ୍ଧି ସାଧନ କରାଯିବାର ଫଳ ସ୍ୱରୂପ ଉତ୍ପାଦିତ କୃଷିଜାତ ଦ୍ରବ୍ୟଗୁଡ଼ିକର ପରିମାଣରେ ତଥା ସେମାନଙ୍କ ଗୁଣାତ୍ମକ ମାନରେ ଇଚ୍ଛାକୃତ ଅଭିବୃଦ୍ଧି ଘଟାଯିବା ସମ୍ଭବ ହେଉଛି । ଏଣୁ ସବୁଜ ବିପ୍ଳବ ଭଳି ଏକଦିଶୀ ପନ୍ଥାକୁ ପରିହାର କରି ଆମ ଦେଶରେ ଗୋଟିଏ ଚିର ସବୁଜ ଆନ୍ଦୋଳନକୁ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରାରମ୍ଭିକ ଆୟୋଜନ ଚାଲିଛି । ଏତଦ୍ୱାରା ପାରମ୍ପରିକ କୃଷି ବ୍ୟବସ୍ଥା, ଜୈବିକ ଚାଷ ବା ଅର୍ଗାନିକ୍ ଫାର୍ମିଙ୍ଗ୍ ବ୍ୟବସ୍ଥା, କୃତ୍ରିମ ସାର ଓ ଶଙ୍କର ବିହନ ବ୍ୟବହୃତ ସବୁଜ ବିପ୍ଳବାଶ୍ରୟୀ ଚାଷ ବ୍ୟବସ୍ଥା ଏବଂ ଉଦ୍ଭିଦମାନଙ୍କଠାରେ ଆନୁବଂଶିକ ପରିବର୍ତ୍ତନ ଘଟାଯିବାର ଅତ୍ୟାଧୁନିକ ଚାଷ ବ୍ୟବସ୍ଥା ମଧ୍ୟରେ ଅର୍ଥସୂଚକ ତଥା ସୁସମନ୍ୱିତ ଯୋଗସୂତ୍ର ପ୍ରତିଷ୍ଠା କରାଯିବା ସମ୍ଭବ ହେବ । ପ୍ରତ୍ୟେକ ଅଞ୍ଚଳର ଚାଷୀମାନେ ସେଠାକାର ମୃତ୍ତିକାର ପ୍ରକୃତି, ଜଳବାୟୁ, ଜଳର ଉତ୍ସ ଓ ପାରମ୍ପରିକ ଚାଷ ବ୍ୟବସ୍ଥା ଆଦି ବିଭାବଗୁଡ଼ିକୁ ବିଚାରକୁ ନେଇ ସେହି ଅଞ୍ଚଳର ସ୍ୱାତନ୍ତ୍ର୍ୟ ପରିପ୍ରେକ୍ଷୀରେ ଚିର ସବୁଜ ଆନ୍ଦୋଳନକୁ ଠିକଣା ଭାବରେ କାର୍ଯ୍ୟକାରୀ କରାଇ ପାରିବେ । କେଉଁ ଅଞ୍ଚଳରେ କେଉଁ କେଉଁ ଖାଦ୍ୟଶସ୍ୟ ଓ ପନିପରିବାଗୁଡ଼ିକୁ ଅଧିକ ପରିମାଣରେ ଉତ୍ପାଦନ କରାଯାଇପାରିବ ଏବଂ ଉତ୍ପାଦିତ ଦ୍ରବ୍ୟର ଗୁଣାତ୍ମକ ମାନକୁ କିପରି ପୂର୍ବାପେକ୍ଷା ଅଧିକ କରାଯାଇପାରିବ, ବିଶେଷଜ୍ଞମାନେ ଚାଷୀମାନଙ୍କୁ ତତ୍‌ସମ୍ପର୍କୀୟ ପରାମର୍ଶ ଦେଇପାରିବେ । ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସମ୍ପର୍କରେ ସୂଚାଇ ଦେବା ବିଶେଷ ପ୍ରାସଙ୍ଗିକ ବୋଧ ହେଉଛି । ଯେତେବେଳେ ସ୍ୱାଧୀନତା-ଉତ୍ତର କାଳରେ ଆମ ଦେଶର କେତେକ ଅଞ୍ଚଳରେ ସବୁଜ ବିପ୍ଳବକୁ ବାସ୍ତବ ରୂପ ପ୍ରଦାନ କରାଗଲା, ସେତେବେଳେ ଅନେକ ସ୍ୱଦେଶୀ ଓ ବିଦେଶୀ ବୁଦ୍ଧିଜୀବୀ ସଂଶୟ ପ୍ରକାଶ କରିଥିଲେ ଯେ, ଆମ ଦେଶର ନିରକ୍ଷର ଚାଷୀମାନେ ସମ୍ଭବତଃ ଏହି ବୁଦ୍ଧିସାପେକ୍ଷ ବ୍ୟାପାରଟିକୁ ଠିକଣା ଭାବରେ କାର୍ଯ୍ୟକାରୀ କରାଇ ପାରିବେ ନାହିଁ । ମାତ୍ର ସେମାନଙ୍କ ସଂଶୟ ଅଚିରେ ଅପସାରିତ ହେଲା । ଆମ ଦେଶର ବୁଦ୍ଧିମାନ ଓ କର୍ମନିପୁଣ ଚାଷୀମାନେ ଗୋଟିଏ ଅଭିନବ କୌଶଳକୁ ଅତି ଶୀଘ୍ର ଆପଣାର କରିବା ପୂର୍ବକ ଧାନ ଓ ଗହମର ଉତ୍ପାଦନରେ ଅଭୂତପୂର୍ବ ଅଭିବୃଦ୍ଧି ଘଟାଇବାକୁ ସମର୍ଥ ହୋଇଥିଲେ । ଏଣୁ ପାରମ୍ପରିକ ଓ ଅତ୍ୟାଧୁନିକ ଚାଷ ବ୍ୟବସ୍ଥାଗୁଡ଼ିକୁ ପରିବେଶର ପରିପୋଷଣକାରୀ ମାର୍ଗରେ ତଥା ସୁସମନ୍ୱିତ ଭାବରେ କାର୍ଯ୍ୟକାରୀ କରାଯିବା ଦ୍ୱାରା, ଅର୍ଥାତ୍ ପରିକଳ୍ପିତ ଚିରସବୁଜ ବିପ୍ଳବକୁ ଆମ ଦେଶରେ ଆମ ଦେଶର ଚାଷୀମାନଙ୍କ ଦ୍ୱାରା ଯଥୋଚିତ ମାର୍ଗରେ କାର୍ଯ୍ୟକାରୀ କରାଇବା ଦ୍ୱାରା, ଆମ ଦେଶର ଆଗାମୀ ଯୁଗର ଖାଦ୍ୟ ସମସ୍ୟାର ସନ୍ତୋଷପ୍ରଦ ସମାଧାନ ସମ୍ଭବ ହେବ ନାହିଁ କି ? ଏଥିପାଇଁ ଆମ ଦେଶର ବୈଜ୍ଞାନିକ ଓ କୃଷି ବିଶେଷଜ୍ଞମାନେ ଦରକାର ହେଉଥିବା ଜ୍ଞାନକୁ ଚାଷୀମାନଙ୍କ ହାତ ପାହାନ୍ତାରେ

Digitized by srujanika@gmail.com

ଯୋଗାଇ ପାରିଲେ ସେମାନେ ନିଶ୍ଚିତ ଭାବରେ ଏହି ମହନୀୟ ପରିକଳ୍ପନାଟିକୁ ଯଥାବିଧି କାର୍ଯ୍ୟକାରୀ କରାଇ ପାରିବେ ।

ଉଲ୍ଲିଖିତ ବିଶଦ ଉପକ୍ରମଟିକୁ ଉପସ୍ଥାପନା କରାଯିବାର ତାତ୍ପର୍ଯ୍ୟ ହେଉଛି ଯେ, ଚିର ସବୁଜ ଆନ୍ଦୋଳନର ବାସ୍ତବ ରୂପାୟନ ଦିଗରେ ଯେଉଁମାନେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହେବେ ସେମାନେ ହେଉଛନ୍ତି ଆମ ଦେଶର ନବସାକ୍ଷର ଚାଷୀକୁଳ । ପୂର୍ବରୁ ସୂଚାଇ ଦିଆଯାଇଛି ଯେ, ନବସାକ୍ଷରମାନଙ୍କୁ ଯଦି ଶିକ୍ଷାକୁ ଜୀବନ ବ୍ୟାପି ଶିକ୍ଷାରେ ପରିଣତ କରିବା ପାଇଁ ସୁବିଧା ଓ ସୁଯୋଗ ଯୋଗାଇ ଦିଆଯାଏ, ତାହାହେଲେ ସେମାନେ ଆମ ଦେଶର ପ୍ରଗତିଶୀଳତା ପଥରେ ଗୁରୁତ୍ୱପୂର୍ଣ୍ଣ ମାନବ ସମ୍ବଳର ଅଭାବକୁ ପୂରଣ କରିପାରିବେ । ଏଣୁ ଆମ ଦେଶର ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହ ତାଳ ମିଳାଇ ଯଦି କୃଷି ବିଶେଷଜ୍ଞମାନେ ଠିକଣା ଶିକ୍ଷା ଓ ତାଲିମ୍ ପ୍ରଦାନ କରିପାରନ୍ତି, ତାହାହେଲେ ସେମାନେ ସ୍ୱତଃପ୍ରବୃତ୍ତ ଭାବରେ ଚିର ସବୁଜ ଆନ୍ଦୋଳନକୁ ବାସ୍ତବ ରୂପ ପ୍ରଦାନ କରିବା ପାଇଁ ବୈୟକ୍ତିକ ଭାବରେ, ସାଙ୍ଗଠନିକ ମାର୍ଗରେ ତଥା ସମବାୟିକ ପ୍ରଚେଷ୍ଟା ବଳରେ ଆଶାନୁରୂପ ଫଳପ୍ରଦ ଭୂମିକାରେ ଅବତୀର୍ଣ୍ଣ ହୋଇପାରିବେ । ଆଧୁନିକ ତଥ୍ୟ-ଟେକ୍ନୋଲଜିଭିତ୍ତିକ ଯୋଗାଯୋଗ ବ୍ୟବସ୍ଥାଗୁଡ଼ିକର ସଦୁପଯୋଗ ବଳରେ, ପ୍ରସାର ମାଧ୍ୟମଗୁଡ଼ିକ ଦ୍ୱାରା ପରିବେଷିତ ଶିକ୍ଷଣୀୟ କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ତଥା ସରକାରୀ ଓ ବେସରକାରୀ ଉଦ୍ୟମ ବଳରେ ପ୍ରତିଷ୍ଠିତ ଶିକ୍ଷା ଓ ତାଲିମ୍ ପ୍ରଦାନକାରୀ ଅନୁଷ୍ଠାନଗୁଡ଼ିକ ଜରିଆରେ ନବ ସାକ୍ଷରମାନଙ୍କୁ ଏହି ବିପ୍ଳବର ବାସ୍ତବ ରୂପାୟନାର୍ଥେ ବରାବର ନିୟମିତ ଭାବରେ ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯିବା ସମ୍ଭବ ହୋଇପାରିବ । ଦରକାରୀ ଜ୍ଞାନର ଯଥାର୍ଥ ଗଣତାନ୍ତ୍ରିକ ବିତରଣ ସମ୍ଭବ ହୋଇପାରିଲେ ନବସାକ୍ଷରମାନେ ହିଁ ଗ୍ରାମାଞ୍ଚଳରେ ଚିର ସବୁଜ ବିପ୍ଳବର ବାସ୍ତବ ରୂପାୟନ ବ୍ୟାପାରରେ ଉପଯୁକ୍ତ ନେତୃସ୍ଥାନୀୟ ଭୂମିକା ଗ୍ରହଣ କରିବାକୁ ସମର୍ଥ ହେବେ ।

କୃଷି କ୍ଷେତ୍ରର ଉନ୍ନୟନକୁ କେବଳ ଫସଲ ଅମଳରେ ସୀମିତ କରାଯିବା ଦ୍ୱାରା ଆମ ଦେଶର ବିପୁଳ ସଂଖ୍ୟକ କୃଷକମାନଙ୍କର ଆର୍ଥିକ ଅବସ୍ଥାରେ କେବେହେଲେ ଲକ୍ଷ୍ୟଣୀୟ ପ୍ରଗତି ଘଟିବ ନାହିଁ । କାରଣ ଚିର ସବୁଜ ଆନ୍ଦୋଳନ ଜରିଆରେ ଯେତେ ସୁଦକ୍ଷ ଭାବରେ କର୍ମପ୍ରବଣ ହେଲେ ମଧ୍ୟ ସେମାନେ ପରିବାରର ଭରଣ ପୋଷଣ ପାଇଁ ତଥା ନିଜ ନିଜ ସନ୍ତାନମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ତାଲିମ୍ ଦେବା ପାଇଁ ସୀମିତ ଚାଷ ଜମିରୁ ଅମଳ କରାଯାଉଥିବା ଫସଲର ବ୍ୟାବସାୟିକ କାରବାର ବଳରେ ବର୍ଷ ସାରା ନିଜ ନିଜର ଗୁଜୁରାଣ ମେଣ୍ଟାଇ ପାରିବେ ନାହିଁ ।

Digitized by srujanika@gmail.com

ପୁଣି, ଦରକାର ତୁଳନାରେ ଯେଉଁ ଯଥେଷ୍ଟ ଅଧିକ ସଂଖ୍ୟକ କାର୍ଯ୍ୟକ୍ଷମ ବ୍ୟକ୍ତି ବର୍ଷ ସାରା କୃଷି ନିର୍ଭରଶୀଳ ଜୀବନ ଯାପନ କରୁଛନ୍ତି, ସେମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ସେମାନଙ୍କ ଆର୍ଥିକ ଅବସ୍ଥା ଦିନକୁ ଦିନ ଶୋଚନୀୟ ରୂପ ଧାରଣ କରିବ । ଏହି ପ୍ରସଙ୍ଗ ପରିପ୍ରେକ୍ଷୀରେ ଆମେ ଲକ୍ଷ୍ୟ କରିବାର କଥା ଯେ, ଯେଉଁ ଦେଶମାନଙ୍କରେ କୃଷି କ୍ଷେତ୍ରର ଯେତେ ଅଧିକ ସମୁନ୍ନତି ସାଧିତ ହେଉଛି, ସେହି ଦେଶର ମୋଟ ଜନସଂଖ୍ୟାର ସେତେ କମ୍ ଭାଗ କେବଳ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି । ସେହି ଦେଶମାନଙ୍କରେ କୃଷି ଉପରେ ନିର୍ଭର କରୁଥିବା ବ୍ୟକ୍ତିମାନଙ୍କୁ ସେବାକାରୀ କ୍ଷେତ୍ରମାନଙ୍କରେ ଆୟକାରୀ ଜୀବିକା ଯୋଗାଇ ଦେବା ସମ୍ଭବ ହେଉଛି । ଏଠାରେ ଆମେ ଜାଣିବାର କଥା ଯେ, ଯେଉଁ ଦେଶମାନଙ୍କରେ ଜ୍ଞାନର ସୃଜନ, ଜ୍ଞାନରାଶିର ଆହରଣ, ଜ୍ଞାନର ବିତରଣ ଓ ଜ୍ଞାନର ଆତ୍ମୀକରଣ ବଳରେ କୃଷକମାନଙ୍କୁ ବରାବର ଯୁଗୋପଯୋଗୀ ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯିବାର ବ୍ୟବସ୍ଥାକୁ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ମାର୍ଗରେ ଯେତେ ଅଧିକ ଦକ୍ଷତାର ସହିତ କାର୍ଯ୍ୟକାରୀ କରାଯାଉଛି, ସେହି ଦେଶର କୃଷକ ପରିବାରର ବିପୁଳ ସଂଖ୍ୟକ ବ୍ୟକ୍ତି ନିଜ ନିଜ ଅଞ୍ଚଳରେ ଥାଇ ମଧ ସେବାକାରୀ କ୍ଷେତ୍ରମାନଙ୍କରେ ନିଜ ନିଜ ପାଇଁ ଜୀବିକା ଅନ୍ୱେଷଣ କରି ପାରୁଛନ୍ତି । ଗୋଟିଏ ଦେଶର ମୋଟ ଜନସଂଖ୍ୟାର ଯେତେ ଅଧିକ ଭାଗ କାର୍ଯ୍ୟକ୍ଷମ ବ୍ୟକ୍ତିମାନେ ସେବାକାରୀ କ୍ଷେତ୍ରମାନଙ୍କରେ ଅବସ୍ଥାପିତ ହୋଇ ପାରୁଛନ୍ତି, ସେହି ଦେଶର ପ୍ରଗତିଶୀଳତାର ମାନ ସେତେ ଅଧିକ ହେଉଛି । ଏହି ଦୃଷ୍ଟିରୁ ଏସିଆ ମହାଦେଶରେ ଜାପାନ, ଦକ୍ଷିଣ କୋରିଆ ଓ ସିଙ୍ଗାପୁର ଆଦି ଦେଶଗୁଡ଼ିକ ଆମ ଦେଶଠାରୁ ଅଧିକ ପ୍ରଗତିଶୀଳ ହୋଇ ପାରିଛନ୍ତି । ଆମ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୪୦ରୁ ୪୫ ପ୍ରତିଶତ ଏବେ ସେବାକାରୀ କ୍ଷେତ୍ରମାନଙ୍କରେ ନିଯୁକ୍ତ ହୋଇପାରୁଥିବା ବେଳେ ଉଲ୍ଲିଖିତ ଦେଶମାନଙ୍କରେ ମୋଟ ଜନସଂଖ୍ୟାର ପ୍ରାୟ ୭୦ଭାଗ ସେବାକାରୀ କ୍ଷେତ୍ରମାନଙ୍କରେ ନିଯୁକ୍ତ ହୋଇ ନିଜ ନିଜ ଆର୍ଥିକ ଅବସ୍ଥାରେ ଲକ୍ଷ୍ୟଣୀୟ କ୍ରମୋନ୍ନତି ଘଟାଇ ପାରୁଛନ୍ତି ।

କୃଷି ସହ ସମ୍ପର୍କିତ କେଉଁ ପ୍ରକାର ବୃତ୍ତିଗୁଡ଼ିକୁ ଆମେ ସେବାକାରୀ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରିପାରିବା ? ଖାଦ୍ୟଶସ୍ୟ ଓ ପନିପରିବାକୁ ବେଶ୍ କିଛି କାଳ ପାଇଁ ସୁରକ୍ଷିତ କରାଯିବା ପାଇଁ ଉଦ୍ଦିଷ୍ଟ ଶିତଳୀକରଣ ବ୍ୟବସ୍ଥା, ଖାଦ୍ୟ ପ୍ରକ୍ରିୟାକରଣ, ଅମଳ ହେଉଥିବା ଫସଲର ବ୍ୟାବସାୟୀକରଣ, ଉଦ୍ଭିଦମାନଙ୍କୁ ଅନିଷ୍ଟକାରୀ କୀଟପତଙ୍ଗମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ଦରକାର ହେଉଥିବା ଜୈବିକ କୀଟନାଶକ ଦ୍ରବ୍ୟଗୁଡ଼ିକର ଉତ୍ପାଦନ ଓ ବ୍ୟାବସାୟିକ କାରବାର, ସାମାଜିକ ବନୀକରଣ, ବର୍ଜିତ ଜମିର ପୁନରୁଦ୍ଧାର, ଚାଷୀମାନଙ୍କୁ ଦରକାର ବେଳେ ଆର୍ଥିକ

Digitized by srujanika@gmail.com

ଋଣ ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ ସମବାୟିକ ବ୍ୟବସ୍ଥା ତଥା ବ୍ୟାଙ୍କ୍‌ଗୁଡ଼ିକର ଉଦାରୀକରଣ, କୃଷି ବୀମା, ଶସ୍ୟକ୍ଷେତ୍ରକୁ ଆବଶ୍ୟକୀୟ ଜଳ ଓ ବିଦ୍ୟୁତ ଶକ୍ତି ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକର ରକ୍ଷଣାବେକ୍ଷଣ, ଗୋବର ଗ୍ୟାସ ପ୍ଲାଣ୍ଟଗୁଡ଼ିକର ପ୍ରତିଷ୍ଠା ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ଆଦି ବୃତ୍ତିଗୁଡ଼ିକୁ ଆମେ ସେବାକାରୀ କ୍ଷେତ୍ରର ଅନ୍ତର୍ଭୁକ୍ତ କରିପାରିବା । ଆମେ ବୁଝିବାର କଥା ଯେ, କୃଷି ସହ ସଂପୃକ୍ତ ସେବାକାରୀ କ୍ଷେତ୍ରଗୁଡ଼ିକୁ ଯଦି ଠିକଣା ଭାବରେ କାର୍ଯ୍ୟକାରୀ କରାଯିବା ସମ୍ଭବ ହୁଏ ଏବଂ ସରକାରୀ କର୍ତ୍ତୃପକ୍ଷ ଯଦି ଏ ଦିଗରେ କେବଳ ସୁବିଧା ପ୍ରଦାନକାରୀ ଅଭିକର୍ତ୍ତା ଭାବରେ ନିଷ୍ଠାପର ମାର୍ଗରେ କ୍ରିୟାଶୀଳ ହୋଇପାରନ୍ତି, ତାହାହେଲେ ଗ୍ରାମାଞ୍ଚଳର କୃଷକ ପରିବାରଗୁଡ଼ିକ କୃଷିକୁ ଜୀବିକା ରୂପେ ଆଦରି ନେଇ ନିଜ ନିଜ ଆର୍ଥିକ ଅବସ୍ଥାରେ କ୍ରମୋନ୍ନତି ଘଟାଇବାର ପଥ ମଧ୍ୟ ସୁଗମ୍ୟ ହେବ । ଏବେ ଆମ ଦେଶରେ ଋଣ ଭାରର ତାଡ଼ନାରେ କୃଷକମାନେ ଯେପରି ଅନନ୍ୟୋପାୟ ହୋଇ ଦୟନୀୟ ଭାବରେ ଆତ୍ମହତ୍ୟା କରୁଛନ୍ତି, ସେହି ଦୁଃଖଦ ପରିସ୍ଥିତିର ଅବସାନ ଘଟାଇବାକୁ ହେଲେ ଆମ ଦେଶରେ ଯଥାଶୀଘ୍ର ଗ୍ରାମାଞ୍ଚଳର କୃଷକ ପରିବାରର ଅଧିକାଂଶ ଅଲୋଡ଼ା ତଥା କାର୍ଯ୍ୟକ୍ଷମ ବ୍ୟକ୍ତିମାନଙ୍କୁ କୃଷି ସହ ସଂପୃକ୍ତ ସେବାକାରୀ କ୍ଷେତ୍ରମାନଙ୍କରେ ନିଯୁକ୍ତ ହେବା ପାଇଁ ଉପଯୁକ୍ତ ସୁବିଧା ଓ ସୁଯୋଗ ଯୋଗାଇ ଦେବାକୁ ହେବ । ଆମ ଦେଶର ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ଦାୟିତ୍ୱରେ ଥିବା ସରକାରୀ କର୍ତ୍ତୃପକ୍ଷ ତଥା ବେସରକାରୀ ସେବାକାରୀ ଅନୁଷ୍ଠାନଗୁଡ଼ିକ ଏପରି ଯୁଗୋପଯୋଗୀ ତଥା ଅତୀବ ଗୁରୁତ୍ୱପୂର୍ଣ୍ଣ ବ୍ୟାପାରଗୁଡ଼ିକର ସାର୍ଥକ ବାସ୍ତବ ରୂପାୟନ ଦିଗରେ ନବ ସାକ୍ଷରମାନଙ୍କୁ ନିଶ୍ଚିତ ଭାବରେ ଫଳପ୍ରଦ ଭୂମିକାରେ ଅବତୀର୍ଣ୍ଣ କରାଇପାରିବେ ।

ଆମ ଦେଶର ଗ୍ରାମାଞ୍ଚଳର ଚାଷୀକୁଳ ଗୋମହିଷାଦି ପଶୁପାଳନ, କୁକୁଡ଼ାଚାଷ, ମତ୍ସ୍ୟଚାଷ, ମହୁଚାଷ ଇତ୍ୟାଦି ବୃତ୍ତିଗୁଡ଼ିକ ସହିତ ପାରମ୍ପରିକ ସୂତ୍ରରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ହୋଇଛନ୍ତି । ଆମେ ଜାଣିବାର କଥା ଯେ, ପୃଥିବୀର ମୋଟ ସ୍ଥଳଭାଗ ତୁଳନାରେ ଆମ ଦେଶର ସ୍ଥଳଭାଗର ବିସ୍ତୃତି ଯଥେଷ୍ଟ କମ୍ ହୋଇଥିବା ସ୍ଥଳେ ଆମ ଦେଶରେ ଗୋମହିଷାଦି ପଶୁମାନଙ୍କର ସଂଖ୍ୟା ତଦନୁପାତରେ ଯଥେଷ୍ଟ ଅଧିକ ହୋଇଛି । ଏହି ରୁଗ୍‌ଣ ପଶୁମାନଙ୍କଠାରୁ ଯେତିକି ଦୁଗ୍ଧ, ମାଂସ ଓ ଚମଡ଼ା ସଂଗ୍ରହ କରାଯାଉଛି, ତଦନୁପାତରେ ଚାଷୀମାନଙ୍କୁ ଆଶାନୁରୂପ ଫଳ ମିଳୁନାହିଁ । ମାତ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହିତ ତାଳ ମିଳାଇ ଗୋମହିଷାଦି ପଶୁମାନଙ୍କ ସଂଖ୍ୟାକୁ ଅତି ସୀମିତ କରାଯିବା ଦିଗରେ ତଥା ସେମାନଙ୍କଠାରୁ ସଂଗ୍ରହ କରାଯାଉଥିବା ଖାଦ୍ୟଦ୍ରବ୍ୟର ପରିମାଣରେ ତଥା ତାହାର ଗୁଣାତ୍ମକ ମାନର ଆବର୍ଦ୍ଧନ ଦିଗରେ ଏବେ ଆମ ଦେଶ ସମେତ ବିଭିନ୍ନ

Digitized by srujanika@gmail.com

ଉନ୍ନତ ଦେଶମାନଙ୍କରେ ସମୁନ୍ନତ ବିଜ୍ଞାନସମ୍ମତ ପଦ୍ଧତିଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । ପୁଣି ଏମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ପାଇଁ ତଥା ଏମାନଙ୍କୁ ବିଭିନ୍ନ ସଂକ୍ରାମକ ବ୍ୟାଧି କବଳରୁ ମୁକ୍ତ ରଖିବା ପାଇଁ ଏବଂ ଦରକାର ବେଳେ ଏମାନଙ୍କୁ ବିଭିନ୍ନ ବ୍ୟାଧି କବଳରୁ ଆରୋଗ୍ୟ କରାଇବା ପାଇଁ ବିଜ୍ଞାନସମ୍ମତ ଓ ସୁବିଧାଜନକ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । କୁକୁଡ଼ା ପାଳନ କ୍ଷେତ୍ରରେ ମଧ ସମଧର୍ମୀ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଯିବାର ଫଳ ସ୍ୱରୂପ ଏହି ବୃତ୍ତିଟି ଏବେ ଏକ ବିଶେଷ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି । ମାଛଚାଷ, ବିଶେଷ ଭାବରେ ଚିଙ୍ଗୁଡ଼ି ଚାଷ ପାଇଁ ଇତ୍ୟବସରରେ ଉନ୍ନତ ମାନର ଯାଆଁଳ ସୃଷ୍ଟି କରିବା, ପରିବେଶର ସୁରକ୍ଷାକାରୀ ଓ ପରିପୋଷଣକାରୀ ମାର୍ଗରେ କୃତ୍ରିମ ଜଳଭଣ୍ଡାରଗୁଡ଼ିକୁ ସୃଷ୍ଟି କରିବା, ମାଛମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ଆଦି ବ୍ୟାପାରଗୁଡ଼ିକୁ ବିଜ୍ଞାନସମ୍ମତ ତଥା ପୂର୍ବାପେକ୍ଷା ଅଧିକ ଲାଭପ୍ରଦ ମାର୍ଗରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରସଙ୍ଗ ପରିପ୍ରେକ୍ଷୀରେ ଆମେ ଜାଣିବାର କଥା ଯେ, ଏମାନଙ୍କ ଲାଳନ ପାଳନ ଦିଗରେ ଅବହେଳା ପ୍ରଦର୍ଶନ କରିବା ଦ୍ୱାରା କିମ୍ବା ଏମାନଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯିବା ଦ୍ୱାରା ଏମାନେ ଅନିଷ୍ଟକାରୀ ଜୀବାଣୁ ବା ଭାଇରସ୍‌ମାନଙ୍କ ଦ୍ୱାରା ସଂକ୍ରମିତ ହେଉଛନ୍ତି ଏବଂ ଯଥାଶୀଘ୍ର ଏହି ଭାଇରସ୍ ସଂକ୍ରମିତ ବ୍ୟାଧି ପୃଥିବୀ ବକ୍ଷରେ ମହାମାରିର ରୂପ ଧାରଣ କରିବାର ଆଶଙ୍କା ଉପୁଜୁଛି । ଏହି ରୋଗାକ୍ରାନ୍ତ ପଶୁପକ୍ଷୀମାନଙ୍କଠାରୁ ମନୁଷ୍ୟମାନେ ଏହି ବ୍ୟାଧି ଦ୍ୱାରା ସଂକ୍ରମିତ ହେଉଥିବା ଯୋଗୁଁ ପୃଥିବୀ ବକ୍ଷରେ ଏଥିପାଇଁ ଯେଉଁ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହେଉଛି, ତାହାର ଅବସାନ ନ ଘଟିବା ପର୍ଯ୍ୟନ୍ତ ଏହି ପଶୁପକ୍ଷୀମାନଙ୍କଠାରୁ ସଂଗୃହୀତ ଖାଦ୍ୟଦ୍ରବ୍ୟ ଓ ମାଂସର ବ୍ୟାବସାୟିକ କାରବାର ଦିଗରେ ଆନ୍ତର୍ଜାତୀୟ ସ୍ତରରେ ନିଷେଧାଜ୍ଞା ପ୍ରବର୍ତ୍ତିତ ହେଉଥିବା ଯୋଗୁଁ ସଂପୃକ୍ତ ଉତ୍ପାଦକମାନେ ଦାରୁଣ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଏଣୁ ଏପରି ଆତଙ୍କପ୍ରଦ ପରିସ୍ଥିତିର ସୂତ୍ରପାତ ନ ଘଟିବା ପାଇଁ ଏବେ ବିଭିନ୍ନ ଦେଶରେ ଜାତୀୟ ଓ ଆନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକ ବିଶେଷଜ୍ଞମାନଙ୍କ ସହଯୋଗିତାରେ ସଂପୃକ୍ତ ଉତ୍ପାଦକମାନଙ୍କୁ ସମୟୋଚିତ ପରାମର୍ଶ ପ୍ରଦାନ କରୁଛନ୍ତି । ପୁଣି ପ୍ରତ୍ୟେକ ଦେଶରେ ଏପରି ସମ୍ଭାବ୍ୟ ପରିସ୍ଥିତିର ଆଶୁ ମୁକାବିଲା କରାଯିବା ପାଇଁ ରୋଗ ନିର୍ଣ୍ଣୟକାରୀ ବ୍ୟବସ୍ଥାଗୁଡ଼ିକୁ, ଭାଇରସ୍‌ମାନଙ୍କ ଆନୁବଂଶିକ ଚିହ୍ନୋଟକରଣ ବ୍ୟବସ୍ଥାକୁ, ରୋଗ ଉପଶମକାରୀ ଔଷଧର ଆଶୁ ବିତରଣ ବ୍ୟବସ୍ଥାକୁ ତଥା ଏହାର ନିରାକରଣ ପାଇଁ ପ୍ରତିଷେଧମୂଳକ ଟୀକା ବ୍ୟବସ୍ଥାର ଉଦ୍ଭାବନ ଓ ଆଶୁ ପ୍ରବର୍ତ୍ତନ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥାଗୁଡ଼ିକୁ ମଧ କାର୍ଯ୍ୟକାରୀ କରାଯିବା ଦିଗରେ ବର୍ତ୍ତମାନ ବ୍ୟାପକ ଆୟୋଜନ କରାଯାଉଛି । ସର୍ବବିଧ ବ୍ୟବସ୍ଥାର କାର୍ଯ୍ୟକାରିତା ପାଇଁ

Digitized by srujanika@gmail.com



ଗବେଷଣା ଓ ପ୍ରଗତିମୂଳକ ବ୍ୟାପାରଗୁଡ଼ିକର ସନ୍ତୋଷପ୍ରଦ ଅଗ୍ରଗତି ଘଟୁଥିଲେ ହେଁ ଏହି ମହନୀୟ ଗବେଷଣାର ଫଳଗୁଡ଼ିକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇଦେବା ପାଇଁ ତଥା ସେମାନଙ୍କୁ ଗତାନୁଗତିକ ପଦ୍ଧତିଗୁଡ଼ିକରେ ଯୁଗୋପଯୋଗୀ ପରିବର୍ତ୍ତନ ଘଟାଇବା ପାଇଁ ସମୟୋଚିତ ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯିବାର ବ୍ୟବସ୍ଥାକୁ ଠିକଣା ଭାବରେ କାର୍ଯ୍ୟକାରୀ କରାଯିବା ସମ୍ଭବ ହେଉନାହିଁ । ଆମେ ବୁଝିବାର କଥା ଯେ, ଆଣବିକ ଜୀବବିଜ୍ଞାନ ଓ ତଦାଶ୍ରୟୀ ବହୁବିଧ ଆନୁବଂଶିକ ଇଞ୍ଜିନିଅରିଙ୍ଗ୍ ବ୍ୟବସ୍ଥା ବଳରେ ଏବେ ପଶୁପାଳନ କ୍ଷେତ୍ରର ତ୍ୱରାନ୍ୱିତ ସମୃଦ୍ଧି ସାଧନ କରାଯାଉଛି । ଏଣୁ ଯଦି ଆମ ଦେଶରେ ନବ ସାକ୍ଷରମାନଙ୍କୁ ପଶୁପାଳନ କ୍ଷେତ୍ରର ଉନ୍ନୟନ ସମ୍ବନ୍ଧୀୟ ଏ ପ୍ରକାର କ୍ରମୋନ୍ନତ ବ୍ୟବସ୍ଥା ସମ୍ପର୍କରେ ଶିକ୍ଷା ଓ ତାଲିମ୍ ଦେବାର ବ୍ୟବସ୍ଥାକୁ ଠିକଣା ଭାବରେ ଓ ନିୟମିତ ଭାବରେ କାର୍ଯ୍ୟକାରୀ କରାଯିବା ସମ୍ଭବ ହୁଏ, ତାହାହେଲେ ପଶୁପାଳନ ବୃତ୍ତି ସହ ସଂପୃକ୍ତ ଉତ୍ପାଦନ, ରକ୍ଷଣାବେକ୍ଷଣ, ପ୍ରଶାସନିକ, ପରିଚାଳନାଗତ ଓ ବ୍ୟାବସାୟିକ କାରବାରଗୁଡ଼ିକୁ ଚାଷୀମାନଙ୍କ ପାଇଁ ଲାଭପ୍ରଦ ମାର୍ଗରେ କାର୍ଯ୍ୟକାରୀ କରାଯିବାର ପଥ ସୁଗମ୍ୟ ହେବ । ବେଶ୍ ଅଧିକ ସଂଖ୍ୟକ ନବସାକ୍ଷରମାନେ ଏପରି ବୃତ୍ତିଗୁଡ଼ିକ ସହ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ହେବା ଫଳରେ ନିଜ ନିଜ ଆୟରେ ଅଭିବୃଦ୍ଧି

Digitized by srujanika@gmail.com

ଘଟାଇବା ସଙ୍ଗେ ସଙ୍ଗେ ନିଜ ନିଜ ଅଞ୍ଚଳର ଅର୍ଥନୈତିକ ପ୍ରଗତି ସାଧନ ଦିଗରେ ଲକ୍ଷ୍ୟଣୀୟ ଅବଦାନ ଯୋଗାଇ ପାରିବେ ।

ଉଲ୍ଲିଖିତ ଆଲୋଚନାରୁ ବୁଝି ହେଉଛି ଯେ, ଗ୍ରାମାଞ୍ଚଳରେ ସୁଲଭ୍ୟ କୃଷିଜାତ ଦ୍ରବ୍ୟଗୁଡ଼ିକର ଏବଂ ପଶୁପାଳନ ଓ ମତ୍ସ୍ୟଚାଷ ଯୋଗୁଁ ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ଉପଯୁକ୍ତ ଗଚ୍ଛିତୀକରଣ, ପ୍ରକ୍ରିୟାକରଣ ଏବଂ ଅନ୍ତଃଦେଶୀୟ ଓ ଆନ୍ତର୍ଜାତୀୟ ବାଣିଜ୍ୟିକ କାରବାର ବଳରେ ଗ୍ରାମାଞ୍ଚଳର କୃଷି ନିର୍ଭରଶୀଳ ଜନସାଧାରଣଙ୍କ ଜୀବନ ଯାପନର ଗୁଣାତ୍ମକ ମାନରେ ତଥା ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତାରେ ଏପରି ଅଭିବୃଦ୍ଧି ଘଟାଯାଇ ପାରିବାର ଅବକାଶ ରହିଛି ଯେ ଏଣିକି ସହରାଞ୍ଚଳର ସର୍ବବିଧ ସୁବିଧା ଗ୍ରାମାଞ୍ଚଳରେ ସୁଲଭ୍ୟ ହେବା ସଙ୍ଗେ ସଙ୍ଗେ ସୁଖ ଶାନ୍ତିପ୍ରଦ ଜୀବନ ଯାପନ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହେବ ନାହିଁ । ଗ୍ରାମାଞ୍ଚଳର ଅଧିବାସୀମାନେ ନିଜ ନିଜ ଅସୁବିଧାଗୁଡ଼ିକର ତୁରନ୍ତ ଦୂରୀକରଣ ପାଇଁ ନିକଟବର୍ତ୍ତୀ ହାଟ ବଜାର ଓ ଦୂରବର୍ତ୍ତୀ ବ୍ୟାବସାୟିକ କେନ୍ଦ୍ରଗୁଡ଼ିକ ସହିତ ନିବିଡ଼ ଯୋଗାଯୋଗ ପ୍ରତିଷ୍ଠା କରିବା ପୂର୍ବକ ଅର୍ଥଲୋଭୀ ଦଲାଲମାନଙ୍କ କବଳରୁ ନିଜ ନିଜକୁ ମୁକ୍ତ କରିବା ପାଇଁ, ଆବଶ୍ୟକ ସ୍ଥଳେ କୌଣସି ବୃତ୍ତିଗତ ପରାମର୍ଶକୁ ହାତ ପାହାନ୍ତାରେ ପାଇଯିବା ପାଇଁ ତଥା ସେମାନଙ୍କୁ ସମୟୋଚିତ ଶିକ୍ଷା ଓ ତାଲିମ୍ ଦେବା ପାଇଁ ବିଭିନ୍ନ ରାଷ୍ଟ୍ରାୟତ୍ତ ବା ସେବାକାରୀ ଅନୁଷ୍ଠାନ ଆନୁକୂଲ୍ୟରେ ନିଜ ନିଜ ଅଞ୍ଚଳରେ ଆଲୋଚନାଚକ୍ର, କର୍ମଶାଳା, ସାମୟିକ ତାଲିମ୍ କେନ୍ଦ୍ର ଓ ପ୍ରଦର୍ଶନୀଗୁଡ଼ିକର ଆୟୋଜନ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଇଲେକ୍‌ଟ୍ରୋନିକ୍ ପ୍ରସାର ମାଧ୍ୟମଗୁଡ଼ିକ ଜରିଆରେ ଆବେଦନ କରି ପାରିବେ । ପ୍ରାସଙ୍ଗିକତା ପରିପ୍ରେକ୍ଷୀରେ ଆମେ ଏଠାରେ ବୁଝିବାର କଥା ଯେ, ଗ୍ରାମାଞ୍ଚଳର କୃଷି ନିର୍ଭରଶୀଳ ବାସିନ୍ଦାମାନଙ୍କ ଉତ୍ପାଦନ କ୍ଷମତାରେ ଅଭିବୃଦ୍ଧି ଘଟାଇବା ପାଇଁ, ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କ ମଧ୍ୟରେ ଥିବା ଅର୍ଥନୈତିକ ବୈଷମ୍ୟର କ୍ରମସଙ୍କୋଚନ ପାଇଁ, ମହିଳା ଓ ଶିଶୁମାନଙ୍କୁ ଯଥାର୍ଥ କ୍ଷମତାର୍ପଣ ପାଇଁ ଏବଂ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ପରିବେଶର ପରିପୋଷଣକାରୀ ମାର୍ଗରେ କାର୍ଯ୍ୟକାରୀ କରାଇବା ପାଇଁ ଦରକାର ହେଉଥିବା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମୁନ୍ନତି ସାଧିତ ହୋଇଛି । କାଳକ୍ରମେ ବିଭିନ୍ନ ବୃତ୍ତିରେ ଉତ୍ପାଦନ କ୍ଷମତାର ଅଭିବୃଦ୍ଧି ପାଇଁ ନୂଆ ନୂଆ ଟେକ୍‌ନୋଲଜି ଆବିଷ୍କୃତ ହେଉଛି । ଟେଲିଗ୍ରାଫ୍, ଟେଲିଫୋନ, ସେଲଫୋନ୍, ଫ୍ୟାକ୍ସ, ଟେଲିଭିଜନ, ଇଣ୍ଟରନେଟ୍ ପ୍ରଭୃତି ଯୋଗାଯୋଗ ବ୍ୟବସ୍ଥାଗୁଡ଼ିକ ଜରିଆରେ ଯେ କୌଣସି ବୃତ୍ତିଗତ ବ୍ୟାପାର ସମ୍ପର୍କରେ ଦରକାରୀ ତଥ୍ୟଗୁଡ଼ିକୁ ଅର୍ଥସୂଚକ ମାର୍ଗରେ ଯଥାଶୀଘ୍ର ହାତ ପାହାନ୍ତାରେ ପାଇଯିବା ଦିଗରେ କୌଣସି ଅସୁବିଧା ନାହିଁ । ମାତ୍ର କ୍ଷୋଭର ବିଷୟ ହେଉଛି ଯେ, ଏପରି ଭୌତିକ ଅବସ୍ଥାପନାଗୁଡ଼ିକର ପରିପୂର୍ଣ୍ଣ

Digitized by srujanika@gmail.com

ଉପଯୋଗ ବଳରେ ଜନସାଧାରଣଙ୍କ ରୋଜଗାରରେ ବୃଦ୍ଧି ଘଟାଇବା ପାଇଁ ଯେଉଁ ପ୍ରକାର ପ୍ରଶାସନିକ ଓ ପରିଚାଳନାଗତ କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ବ୍ୟକ୍ତିନିଷ୍ଠ ମାର୍ଗରେ ତଥା ନିଷ୍ଠାପର ଭାବରେ କାର୍ଯ୍ୟକାରୀ କରାଯିବା ପୂର୍ବକ ଗ୍ରାମାଞ୍ଚଳର ପୁରୁଷ ଓ ମହିଳାମାନଙ୍କୁ ଜୀବନ ବ୍ୟାପି ଶିକ୍ଷା ପ୍ରତି ଆକୃଷ୍ଟ କରାଯିବାର ଅବକାଶ ରହିଛି, ତାହାକୁ ଠିକଣା ଭାବରେ କାର୍ଯ୍ୟକାରୀ କରାଯିବା ପଥରେ ସ୍ୱଜନପ୍ରୀତି ତୋଷଣ, ରାଜନୈତିକ ଓ ପ୍ରଶାସନିକ କ୍ଷମତାର ଅପବ୍ୟବହାର, ଅର୍ଥଲୋଲୁପତା ଏବଂ ବ୍ୟାପକ ବ୍ୟଭିଚାର ଓ ବିଶୃଙ୍ଖଳା ହିଁ ଗୁରୁତର ଅନ୍ତରାୟ ସୃଷ୍ଟି କରୁଛି ।

ଏବେ ଲକ୍ଷ୍ୟ କରାଯାଉଛି ଯେ, ଯେଉଁ ଅଞ୍ଚଳମାନଙ୍କରେ ମହାନୁଭବ ବ୍ୟକ୍ତିବିଶେଷ ବା ସେବାକାରୀ ଅନୁଷ୍ଠାନ ଜରିଆରେ ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଦୁପଯୋଗ ବଳରେ ବିଭିନ୍ନ ବୃତ୍ତିରେ ନିଯୁକ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କ ଉତ୍ପାଦନ କ୍ଷମତାରେ ଅଭିବୃଦ୍ଧି ଘଟାଇବା ପାଇଁ ତଥା ବୃତ୍ତିକୁ ଲାଭପ୍ରଦ କରାଇବା ପାଇଁ ଠିକଣା ତାଲିମ୍ ପ୍ରଦାନ କରାଯାଉଛି, ସେହି ଅଞ୍ଚଳଗୁଡ଼ିକର ପ୍ରଗତିଶୀଳତା ବେଶ୍ ଲକ୍ଷ୍ୟଣୀୟ ହେଉଛି । କୃଷିଜାତ ଦ୍ରବ୍ୟ ନିର୍ଭରଶୀଳ (ଯଥା : ବିଭିନ୍ନ ପ୍ରକାର ଘାସ, ଲତା, ପତ୍ର, ବାଉଁଶ ଓ ଇତର ଉଦ୍ଭିଦଜ ବସ୍ତୁ) କୁଟୀର ଶିଳ୍ପ ଓ ହସ୍ତଶିଳ୍ପର ସମୃଦ୍ଧି ସାଧନ ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳର ମହିଳାମାନଙ୍କୁ ତାଲିମ୍ ଦେବା ପାଇଁ, ଗ୍ରାମୀଣ ବ୍ୟାଙ୍କ୍ ପ୍ରତିଷ୍ଠା ବଳରେ ମହିଳାମାନଙ୍କୁ ଛୋଟ ଛୋଟ ଶିଳ୍ପ ବା ବ୍ୟବସାୟରେ ଆତ୍ମନିୟୋଗ କରିବାର ସୁବିଧା ଯୋଗାଇ ଦେବା ପାଇଁ, କୃଷି-ବୀମାକୁ ଠିକଣା ଭାବରେ କାର୍ଯ୍ୟକାରୀ କରାଇବା ପାଇଁ, ବିଭିନ୍ନ ପ୍ରକାର ମହିଳାସଙ୍ଗଠନଗୁଡ଼ିକର ପ୍ରତିଷ୍ଠା ବଳରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନୟନ ଦିଗରେ ସେହି ସଙ୍ଗଠନଗୁଡ଼ିକର ସଦସ୍ୟାମାନଙ୍କୁ ବହୁମୁଖୀ ତାଲିମ୍ ଦେବା ପାଇଁ, ନିକଟବର୍ତ୍ତୀ ତଥା ଦୂରବର୍ତ୍ତୀ ହାଟ ଓ ବଜାରଗୁଡ଼ିକ ସହିତ ବ୍ୟାବସାୟିକ ସମ୍ପର୍କ ପ୍ରତିଷ୍ଠା ପାଇଁ, କ୍ଷୁଦ୍ର ଓ ମଧ୍ୟମ ଧରଣର କୃଷି ନିର୍ଭରଶୀଳ ଶିଳ୍ପଗୁଡ଼ିକର ପ୍ରତିଷ୍ଠା ପାଇଁ ଯଦି ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ ଉପଯୁକ୍ତ ସୁବିଧା ଓ ସୁଯୋଗ ଯୋଗାଇ ଦିଆଯାଏ, ତାହାହେଲେ ମହିଳାମାନେ ମଧ୍ୟ ଉପଯୁକ୍ତ ଶିକ୍ଷା ଦୀକ୍ଷା ବଳରେ ପରିବାରର ଆୟ ବଢ଼ାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ । ଏତଦ୍ଦ୍ୱାରା ପରିବାରରେ ଓ ସମାଜରେ ସେମାନଙ୍କ ଆତ୍ମସମ୍ମାନ ବଢ଼ିପାରିବ ଏବଂ ସେମାନେ ପାରିବାରିକ ସମସ୍ୟାଗୁଡ଼ିକର ସମାଧାନ ବ୍ୟାପାରରେ ପୁରୁଷମାନଙ୍କ ସମକକ୍ଷ ଭୂମିକା ଗ୍ରହଣ କରିପାରିବେ । ପରିବାରର ଆୟ ବଢ଼ିବା ଫଳରେ ସେମାନେ ନିଜ ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଓ ଶିକ୍ଷା ଦୀକ୍ଷା ଦିଗରେ ମଧ୍ୟ ବିହିତ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଇପାରିବେ । ଏତଦ୍ଦ୍ୱାରା ପରିବାରର ରୋଜଗାର ବଢ଼ିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ବାସିନ୍ଦାମାନେ ଜ୍ଞାନାଶ୍ରୟୀ ସମାଜରେ ଜ୍ଞାନର ମହତ୍ତ୍ୱ ସମ୍ପର୍କରେ

Digitized by srujanika@gmail.com

ପ୍ରତ୍ୟକ୍ଷ ଅନୁଭୂତି ଅର୍ଜନ କରିପାରିବେ । ଏଣୁ ସେମାନେ ନିରକ୍ଷରତାର ଅପସାରଣ ତଥା ଜ୍ଞାନ ଆହରଣର ମହତ୍ତ୍ୱକୁ ଠିକଣା ଭାବରେ ବୁଝି ନିଜ ନିଜ ପରିବାରରେ ସନ୍ତାନମାନଙ୍କ ସଂଖ୍ୟାକୁ ସ୍ୱତଃପ୍ରବୃତ୍ତ ଭାବରେ ସୀମିତ କରାଇବାକୁ ଆଗ୍ରହୀ ହେବେ । ବିଶେଷ ଭାବରେ ପରିବାରମାନଙ୍କରେ ମହିଳାମାନଙ୍କ ଆୟକାରୀ ଭୂମିକା ପରିପ୍ରେକ୍ଷୀରେ ପରିବାରର ସଂଖ୍ୟାକୁ ବଢ଼ାଇବା ବା ସୀମିତ କରାଯିବା ବ୍ୟାପାରରେ ସେମାନଙ୍କ ମତକୁ ଉପେକ୍ଷା କରାଯିବାର ଅବକାଶ ରହିବ ନାହିଁ ।

ଆଲୋଚନା ପରିପ୍ରେକ୍ଷୀରେ ଏଠାରେ ଆମ ଦେଶର ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ଅପ୍ରାସଙ୍ଗିକ ବୋଧ ହେଉନାହିଁ । ଆମେ ଜାଣୁ ଯେ, ଆମ ଦେଶରେ ଘଟୁଥିବା ଜନସଂଖ୍ୟାର ଅଭିବୃଦ୍ଧି ଆମ ଦେଶର ପ୍ରଗତିଶୀଳତାର ପଥରେ ଅନ୍ତରାୟ ସୃଷ୍ଟି କରୁଛି ଏବଂ ଦାରିଦ୍ର୍ୟର ତାଡ଼ନାରେ ସମୟାନୁକ୍ରମେ ଆମ ଦେଶର ବାସିନ୍ଦାମାନେ ସୀମିତ ପ୍ରାକୃତିକ ବିଭବରାଜିକୁ ଅନୁଦ୍ଧରଣୀୟ ମାର୍ଗରେ ଲୁଣ୍ଠନ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହେଉନାହାନ୍ତି । ମାତ୍ର ଏବେ ଲକ୍ଷ୍ୟ କରାଯାଉଛି ଯେ, ଶିକ୍ଷା ଦୀକ୍ଷାର କ୍ରମ ପ୍ରସାର ଘଟିବା ଫଳରେ ଆମ ଦେଶରେ ସନ୍ତାନମାନଙ୍କ ଜନ୍ମ-ହାରରେ କ୍ରମହ୍ରାସ ଘଟୁଛି । ପରିବାର ନିୟନ୍ତ୍ରଣ ପାଇଁ ଯେଉଁ ଚିକିତ୍ସା ବିଜ୍ଞାନାଶ୍ରୟୀ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି, ସେଗୁଡ଼ିକର ନିର୍ଭରଯୋଗ୍ୟତାରେ ମଧ୍ୟ ସମୟାନୁକ୍ରମିକ ଅଭିବୃଦ୍ଧି ଘଟୁଛି । ଏଣୁ ସନ୍ତାନ ପ୍ରଜନନ ବ୍ୟାପାରରେ ଉଭୟ ପୁରୁଷ କିମ୍ବା ମହିଳା ଏପରି ବ୍ୟବସ୍ଥାଗୁଡ଼ିକର ସଦୁପଯୋଗ କରିବା ଏକାନ୍ତ ବାଞ୍ଛନୀୟ ବୋଧ ହେଉଛି । ପରିବାର ନିୟନ୍ତ୍ରଣର ଗୁରୁତ୍ୱ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯିବାର ଔଚିତ୍ୟକୁ ଆମେ ଠିକଣା ଭାବରେ ବୁଝି ପାରୁନୁ । ମାତ୍ର ଏହି ସମସ୍ୟାଟିକୁ ସନ୍ତୋଷପ୍ରଦ ମାର୍ଗରେ ସମାଧାନ କରାଯାଇ ପାରିବାର ବିକଳ୍ପ ପନ୍ଥାଟି ପ୍ରତି ଯଥୋଚିତ ଗୁରୁତ୍ୱ ଆରୋପ କରାଯିବା ମଧ୍ୟ ସମୀଚୀନ ବୋଧ ହେଉଛି । ଆମେ ଲକ୍ଷ୍ୟ କରୁଛୁ ଯେ ଏବେ ପାଶ୍ଚାତ୍ୟ ସମୃଦ୍ଧ ରାଷ୍ଟ୍ରମାନଙ୍କରେ ତଥା ଜାପାନ ଭଳି ଗୋଟିଏ ଏସୀୟ ରାଷ୍ଟ୍ରରେ ଜନସଂଖ୍ୟାର ବର୍ଷ ପିଛା ବୃଦ୍ଧିର ହାର ଅତି କମ୍ ହେଉଛି । କେତେକ ଦେଶରେ ଏହି ବୃଦ୍ଧିର ହାର ବିଯୋଗାତ୍ମକ ରୂପ ଧାରଣ କରିଛି । ଏବେ ଏହି ଉନ୍ନତ ଦେଶଗୁଡ଼ିକର ମହିଳାମାନେ ଗର୍ଭ ଧାରଣ କରିବାକୁ ନାପସନ୍ଦ କରୁଛନ୍ତି । ସନ୍ତାନ ସୃଷ୍ଟି ପାଇଁ ସେମାନେ ମାତୃଗର୍ଭ ପରିବର୍ତ୍ତେ ବାହ୍ୟ ଚିକିତ୍ସା ବିଜ୍ଞାନାଶ୍ରୟୀ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଇବାକୁ ଚାହୁଁଛନ୍ତି । ଆବଶ୍ୟକ ସ୍ଥଳେ ସେମାନେ ଦରିଦ୍ର ବା ନିଃସମ୍ବଳ ପରିବାରର ମହିଳାମାନଙ୍କ ଗର୍ଭକୁ ଭଡ଼ା ସୂତ୍ରରେ ବ୍ୟବହାର କରି ନିଜ ପାଇଁ ସନ୍ତାନ ସୃଷ୍ଟି କରିବାକୁ ପ୍ରଲୋଭିତ ହେଉଛନ୍ତି । ଏବେ ଲକ୍ଷ୍ୟ କରାଯାଉଛି ଯେ, ଜାପାନ ଦେଶରେ ସନ୍ତାନ ପ୍ରସବ କରିବା ପାଇଁ ମହିଳାମାନଙ୍କୁ ବିଭିନ୍ନ

Digitized by srujanika@gmail.com

ପ୍ରକାର ଆର୍ଥିକ ସୁବିଧା ଯୋଗାଇ ଦେବାର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ଦିଗରେ ଚିନ୍ତା କରାଯାଉଛି । ପୃଥିବୀ ବକ୍ଷରେ ସୃଷ୍ଟ ଏ ପ୍ରକାର ପରିସ୍ଥିତିକୁ ବିଚାରକୁ ନେଇ ବିଭିନ୍ନ ଆନ୍ତଃରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ଆନୁକୂଲ୍ୟରେ ପ୍ରକାଶିତ ରିପୋର୍ଟଗୁଡ଼ିକୁ ପାଠ କରିବା ଦ୍ୱାରା ସ୍ପଷ୍ଟ ଭାବରେ ଜଣାପଡୁଛି ଯେ, ଏହି ଶିଳ୍ପୋନ୍ନତ ରାଷ୍ଟ୍ରମାନଙ୍କରେ ଉଭୟ ଉତ୍ପାଦନ-କ୍ଷେତ୍ରଗୁଡ଼ିକର ଓ ସେବାକାରୀ କ୍ଷେତ୍ରଗୁଡ଼ିକର କାର୍ଯ୍ୟଗୁଡ଼ିକୁ ଯଥାବିଧି କାର୍ଯ୍ୟକାରୀ କରାଯିବା ପାଇଁ ଏଣିକି କାର୍ଯ୍ୟକ୍ଷମ ଜନସମ୍ବଳର ଦାରୁଣ ଅଭାବ ଘଟିବ; ଏବଂ ଏହି ଦେଶମାନଙ୍କରେ ବୃଦ୍ଧ ଓ ବୃଦ୍ଧାମାନଙ୍କ ସଂଖ୍ୟାରେ ସମୟାନୁକ୍ରମିକ ଅଭିବୃଦ୍ଧି ଘଟିବ । ପୁଣି, ଏହି ରିପୋର୍ଟରୁ ଜଣାପଡୁଛି ଯେ, ଚୀନ ଦେଶ ଭଳି ଗୋଟିଏ ଜନବହୁଳ ରାଷ୍ଟ୍ରରେ ବେଶ୍ କିଛି ବର୍ଷ ହେଲା ପ୍ରତି ପରିବାର ପାଇଁ ଗୋଟିଏ ସନ୍ତାନ ସୃଷ୍ଟି କରାଯିବାର ବ୍ୟବସ୍ଥାକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଯାଇଥିବା ଯୋଗୁଁ ଆଉ କିଛି ବର୍ଷ ପରେ ଏହି ଦେଶରେ ମୋଟ ଜନସଂଖ୍ୟା ଅନୁପାତରେ କାର୍ଯ୍ୟକ୍ଷମ ଯୁବକ ଯୁବତୀମାନଙ୍କ ସଂଖ୍ୟା ଯଥେଷ୍ଟ କମିଯିବ । ଏଣୁ ଶିଳ୍ପୋନ୍ନତ ରାଷ୍ଟ୍ରମାନଙ୍କରେ କ୍ରମବର୍ଦ୍ଧମାନ ହାରରେ ଉପୁଜୁଥିବା କାର୍ଯ୍ୟକ୍ଷମ ମାନବ ସମ୍ବଳର ଅଭାବକୁ ପୂରଣ କରିବା ବ୍ୟାପାରରେ ଚୀନ ଦେଶର ବାସିନ୍ଦାମାନେ ସେତେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିପାରିବେ ନାହିଁ । ଅପର ପକ୍ଷେ, ଭାରତବର୍ଷରେ ବର୍ତ୍ତମାନ ମୋଟ ଜନସଂଖ୍ୟା ତୁଳନାରେ କିଶୋର କିଶୋରୀମାନଙ୍କ ସଂଖ୍ୟା ବେଶ୍ ଅଧିକ ହୋଇଥିବା ଯୋଗୁଁ ଶିଳ୍ପୋନ୍ନତ ରାଷ୍ଟ୍ରମାନଙ୍କରେ ଉପୁଜୁଥିବା ମାନବ ସମ୍ବଳର ଚାହିଦା ପୂରଣ ଦିଗରେ ଏହି ଦେଶ ଗୋଟିଏ ପ୍ରଭାବଶାଳୀ ଭୂମିକାରେ ଅବତୀର୍ଣ୍ଣ ହେବ । ଯେଉଁ କାର୍ଯ୍ୟଗୁଡ଼ିକୁ ବା ଦାୟିତ୍ୱଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ପାଇଁ ଯେଉଁ ପ୍ରକାର ଶିକ୍ଷା ଓ ତାଲିମ୍‌ର ଆବଶ୍ୟକତା ଉପୁଜୁଛି, ଆମ ଦେଶରେ ଯଦି ସେଥିପାଇଁ ଠିକଣା ମାନବ ସମ୍ବଳର ପ୍ରସ୍ତୁତିକୁ କାର୍ଯ୍ୟକାରୀ କରାଯାଏ, ତାହାହେଲେ ଭବିଷ୍ୟତରେ ବିଭିନ୍ନ ଶିଳ୍ପୋନ୍ନତ ଦେଶର ଜନସମ୍ବଳର ଚାହିଦା ପୂରଣ ଦିଗରେ ଭାରତବର୍ଷ ଗୋଟିଏ ଅଗ୍ରଗଣ୍ୟ ଭୂମିକାରେ ଅବତୀର୍ଣ୍ଣ ହେବ ।

ଆମେ ଲକ୍ଷ୍ୟ କରୁଛୁ ଯେ, ଆମ ଦେଶରେ ପ୍ରାୟ ଚାରି ଶହ ନିୟୁତରୁ ଅଧିକ ମଧ୍ୟବିତ୍ତ ଓ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀର ଉପଭୋକ୍ତାମାନଙ୍କ କ୍ରୟ-ଶକ୍ତିର ଆଧିକ୍ୟ ପରିପ୍ରେକ୍ଷୀରେ ଏବେ ବିଦେଶୀ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ତଥା ବିଦେଶୀ ଉତ୍ପାଦକମାନେ ଆମ ଦେଶରେ ସେମାନଙ୍କ ବ୍ୟବସାୟକୁ କାର୍ଯ୍ୟକାରୀ କରାଇବା ପାଇଁ ଲାଳାୟିତ ହେଉଛନ୍ତି । ଆମେ ଆମ ନିଜ ଚେଷ୍ଟାରେ ଆମ ଦେଶର ଦରିଦ୍ର ବ୍ୟକ୍ତିମାନଙ୍କ ଜୀବନ ଧାରଣର ଗୁଣାତ୍ମକ ମାନରେ ଅଭିବୃଦ୍ଧି ଘଟାଇବା ପୂର୍ବକ ମଧ୍ୟବିତ୍ତ ବର୍ଗର ବାସିନ୍ଦାମାନଙ୍କ ସଂଖ୍ୟାକୁ ଯେତେ ଅଧିକ ବଢ଼ାଇ ପାରିବା ଆମ

Digitized by srujanika@gmail.com

ଦେଶର ପ୍ରଗତିଶୀଳତା ତଦନୁପାତରେ ଆବର୍ଦ୍ଧିତ ହେବ । କହିବା ବାହୁଲ୍ୟ ଯେ, ଏହି ମଧ୍ୟବିତ୍ତ ପରିବାରଗୁଡ଼ିକ ଉପଯୁକ୍ତ ଶିକ୍ଷାଦୀକ୍ଷା ପ୍ରାପ୍ତ ହୋଇଥିବା ଯୋଗୁଁ ପରିବାରରେ ସନ୍ତାନମାନଙ୍କ ସଂଖ୍ୟାକୁ ଗୋଟିଏ ବା ଅତି ବେଶିରେ ଦୁଇଟି ମଧ୍ୟରେ ସୀମିତ କରାଇବାକୁ ଚାହିଁବେ । ଏଥିପାଇଁ ପରିବାର ନିୟନ୍ତ୍ରଣ ସମସ୍ୟା ଆପେ ଆପେ ସମାହିତ ହୋଇପାରିବ । ଏପରି ଯୁକ୍ତାତ୍ମକ ବିଚାରକୁ କାର୍ଯ୍ୟକାରୀ କରାଇବା ପାଇଁ ଆମେ ଯଦି ଆନ୍ତରିକ ଭାବରେ ଚେଷ୍ଟା କରିବା, ତାହାହେଲେ ଆଗାମୀ ପ୍ରାୟ ଗୋଟିଏ ଦଶକ ପରେ ବା ପ୍ରାୟ ୨୦୨୦ ମସିହା ବେଳକୁ ମଧ୍ୟ ଆମ ଦେଶର ଅର୍ଥନୈତିକ ପରିସ୍ଥିତିରେ ଅଭୂତପୂର୍ବ ମାର୍ଗରେ ଶୁଭକାରୀ ପରିବର୍ତ୍ତନ ଘଟିବ । ନିରକ୍ଷରତାର ଅପସାରଣ ଓ ନବ ସାକ୍ଷରମାନଙ୍କ ପାଇଁ ଜୀବନବ୍ୟାପି ଶିକ୍ଷାର ବାସ୍ତବ ରୂପାୟନ ଦିଗରେ ଆମେ ଯଦି ଆମ ଦେଶରେ ଉପଯୁକ୍ତ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ପରିବେଶ ସୃଷ୍ଟି କରିପାରିବା, ତାହାହେଲେ ଏକବିଂଶ ଶତାବ୍ଦୀକୁ 'ଭାରତୀୟ ଶତାବ୍ଦୀ' ଭାବରେ ଆଖ୍ୟାୟିତ କରାଯିବାର ଗୌରବ ଆମ ହାତପାହାନ୍ତାକୁ ଆସିପାରିବ । ଆମେ ବୁଝିବାର କଥା ଯେ, ଏଥିପାଇଁ ଆମ ଦେଶରେ ଉପଯୁକ୍ତ ପ୍ରତିଭାଧର ତଥା କର୍ମନିପୁଣ ଜନସମ୍ବଳର ଅଭାବ ନାହିଁ କି ପ୍ରାକୃତିକ ବିଭବରାଜିର ମଧ୍ୟ ଅଭାବ ନାହିଁ । ଏଥିପାଇଁ କେବଳ ଦରକାର ହେଉଛି ସଂକଳ୍ପବଦ୍ଧ ନିଷ୍ଠାପର ଉଦ୍ୟମ । ଆମେ ଯଦି ବୈଷୟିକ ଯୁଗର ଅର୍ଥ ଓ କ୍ଷମତାସର୍ବସ୍ୱ ମନୋଭାବକୁ ପରିହାର କରି ଜ୍ଞାନାଶ୍ରୟୀ ଯୁଗର ଜ୍ଞାନସର୍ବସ୍ୱ ମନୋଭାବକୁ ଆପଣାର କରିପାରିବା ଏବଂ ବୈଷୟିକ ଯୁଗର ମାନସିକ ଜଡ଼ତାକୁ ପରିହାର କରିବା ପଥରେ ସୃଷ୍ଟ ପ୍ରତିବନ୍ଧକଗୁଡ଼ିକର ଆଶୁ ଅପସାରଣ ପାଇଁ ଉପଯୁକ୍ତ ବିଜ୍ଞାନସମ୍ମତ ଓ ବସ୍ତୁନିଷ୍ଠ ପନ୍ଥାଗୁଡ଼ିକର ଅନୁଗାମୀ ହୋଇପାରିବା, ତାହାହେଲେ ସମୟାନୁକ୍ରମେ ଅଧିକରୁ ଅଧିକ ଜ୍ଞାନାଲୋକ ପ୍ରାପ୍ତ ଜନସାଧାରଣଙ୍କ ଚାପ ବଳରେ ଆମେ ଆମ ଦେଶର ସରକାରୀ କର୍ତ୍ତୃପକ୍ଷଙ୍କୁ ଏ ଦିଗରେ ଫଳପ୍ରଦ ସୁବିଧା ପ୍ରଦାନକାରୀ ଭୂମିକାରେ ଅବତୀର୍ଣ୍ଣ ହେବା ପାଇଁ ସମୟୋଚିତ ଦିଗ୍‌ଦର୍ଶନ ଯୋଗାଇପାରିବା । ଜାଗ୍ରତ ଜନମତ ହିଁ ଆମ ଦେଶରେ ଏପରି ସୁସ୍ଥ ବୌଦ୍ଧିକ ଓ ସାମାଜିକ ପରିବେଶର ସର୍ଜନା ପାଇଁ ପଥ ସୁଗମ୍ୟ କରିପାରିବ ଯେ ଅର୍ଥ ଓ କ୍ଷମତାଲୋଭୀ ତଥା ଶୋଷଣପ୍ରବଣ ରାଜନୈତିକ ନେତୃବର୍ଗ ବା ଅମଲାତନ୍ତ୍ର ଏ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିବାର ପଥ ଆପେ ଆପେ ଅବରୁଦ୍ଧ ହୋଇଯିବ ।

Digitized by srujanika@gmail.com

ଶକ୍ତି ଯୋଗାଣ ଓ ପରିବେଶୀୟ ବିଭବରାଜିର ପରିପୋଷଣକାରୀ ଉପଯୋଗ ବ୍ୟାପାରରେ ନବ ସାକ୍ଷରମାନଙ୍କ ଭୂମିକା

ଆମେ ଜାଣୁ ଯେ, ଅଦ୍ୟାବଧି ଆମ ଦେଶର ସବୁ ଗ୍ରାମକୁ ବିଦ୍ୟୁଦ୍‌ଶକ୍ତି ଯୋଗାଇଦେବା ସମ୍ଭବ ହେଉନାହିଁ । ପୁଣି ଯେଉଁ ଅଞ୍ଚଳମାନଙ୍କୁ ବ୍ୟାବସାୟିକ ସୂତ୍ରରେ ବିଦ୍ୟୁଦ୍‌ଶକ୍ତି ଯୋଗାଇ ଦିଆଯାଉଛି, ଚାହିଦା ତୁଳନାରେ ଉତ୍ପାଦିତ ଶକ୍ତିର ପରିମାଣକୁ ବଢ଼ାଇଦେବା ମଧ୍ୟ ଏକ ଆୟାସସାଧ୍ୟ ବ୍ୟାପାରରେ ପରିଣତ ହୋଇଛି । ଏପରି ପରିସ୍ଥିତିରେ ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ ସେମାନଙ୍କ ଚାହିଦା ମୁତାବକ ଶକ୍ତି ଯୋଗାଇ ଦେବା ଉଦ୍ଦେଶ୍ୟରେ ବିକେନ୍ଦ୍ରୀକରଣକ୍ଷମ ତଥା ଅସରନ୍ତି ଓ ନବୀକରଣକ୍ଷମ ଶକ୍ତି ଉତ୍ସଗୁଡ଼ିକୁ ବ୍ୟାବସାୟିକ ସୂତ୍ରରେ କାର୍ଯ୍ୟକାରୀ କରାଯିବା ପାଇଁ ବ୍ୟାପକ ପ୍ରଯତ୍ନକୁ ଅବ୍ୟାହତ ରଖାଯାଇଛି । ଆମ ଦେଶର ଯେ କୌଣସି ସୁଗମ୍ୟ ବା ଦୁର୍ଗମ ଅଞ୍ଚଳର ବାସିନ୍ଦାମାନଙ୍କ ଶକ୍ତି ଚାହିଦା ପୂରଣ ଉଦ୍ଦେଶ୍ୟରେ ଏ ପ୍ରକାର ଯେଉଁ ଅଣପାରମ୍ପରିକ ବା ଅଣଗତାନୁଗତିକ ଶକ୍ତି ଉତ୍ସଗୁଡ଼ିକରୁ ବ୍ୟାବସାୟିକ ସୂତ୍ରରେ ଶକ୍ତି ଯୋଗାଇ ଦେବା ପାଇଁ ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ବିଭିନ୍ନ ଅଞ୍ଚଳମାନଙ୍କରେ କାର୍ଯ୍ୟକାରୀ କରାଯାଉଛି ତନ୍ମଧ୍ୟରେ ସୌରଶକ୍ତି, ପବନର ଗତିଜ ଶକ୍ତି, ଗୋବର ଗ୍ୟାସ୍ ପ୍ଲାଣ୍ଟର ରାସାୟନିକ ଶକ୍ତି ଓ କ୍ଷୁଦ୍ରାକୃତି ଜଳ-ବିଦ୍ୟୁତ୍ ଯୋଜନାଗୁଡ଼ିକର ଭୂମିକା ବିଶେଷ ଉଲ୍ଲେଖନୀୟ ହୋଇଛି । ଆମ ଦେଶର କେନ୍ଦ୍ର ସରକାର ଓ ରାଜ୍ୟ ସରକାରୀ କର୍ତ୍ତୃପକ୍ଷମାନେ ଏହି କାର୍ଯ୍ୟକ୍ରମକୁ ଆଶାନୁରୂପ ମାର୍ଗରେ କାର୍ଯ୍ୟକାରୀ କରାଇବା ପାଇଁ ବେଶ୍ ସକ୍ରିୟ ହୋଇଥିବାର ଲକ୍ଷ୍ୟ କରାଯାଉଛି । ସ୍ଥାନୀୟ ଭାବରେ ଗୋଟିଏ ବଡ଼ ଗ୍ରାମର ବା ପାଖାପାଖି କେତୋଟି ଛୋଟ ଗ୍ରାମର ବାସିନ୍ଦାମାନେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଯେତିକି ଶକ୍ତି ଦରକାର କରୁଛନ୍ତି, ତାହାକୁ ଉଲ୍ଲିଖିତ କୌଶଳଗୁଡ଼ିକ ଜରିଆରେ କାର୍ଯ୍ୟକାରୀ କରାଯିବା ପାଇଁ ଗବେଷଣା ଓ ପ୍ରଗତିମୂଳକ ବ୍ୟାପାରଗୁଡ଼ିକର କାର୍ଯ୍ୟକାରିତା ଦିଗରେ ଅଗ୍ରାଧିକାର ଆରୋପ କରାଯିବା ସଙ୍ଗେ ସଙ୍ଗେ ଏଗୁଡ଼ିକର ବ୍ୟାବସାୟୀକରଣ ଓ ରକ୍ଷଣାବେକ୍ଷଣ ଦିଗରେ ମଧ୍ୟ ତଦ୍‌ସମ ପ୍ରାଧାନ୍ୟ ଆରୋପିତ ହୋଇଛି । ରୋଷେଇ କରିବା, ପାଣି ଗରମ କରିବା, ଓଦା ଖାଦ୍ୟଶସ୍ୟକୁ ଶୁଖାଇବା, ବାସଗୃହଗୁଡ଼ିକୁ ଓ ରାସ୍ତାଘାଟକୁ ଆଲୋକିତ କରିବା ଓ ଜଳ ଉତ୍ତୋଳନକାରୀ ପମ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବା ଇତ୍ୟାଦି ବ୍ୟାପାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ସହଜ

Digitized by srujanika@gmail.com

ବ୍ୟବହାରଯୋଗ୍ୟ ଯନ୍ତ୍ର ବା ଉପକରଣଗୁଡ଼ିକୁ ବ୍ୟବହାର କରାଯାଉଛି, ସେଗୁଡ଼ିକର ନିର୍ମାଣ, ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଯେଉଁ ଜନସମ୍ବଳର ଆବଶ୍ୟକତା ଉପୁଜୁଛି, ତାହାକୁ ନବ ସାକ୍ଷରମାନଙ୍କ ଜରିଆରେ କାର୍ଯ୍ୟକାରୀ କରାଯାଇ ପାରିବାର ଔଚିତ୍ୟ ଅନାୟାସରେ ଉପଲବ୍ଧ ହେଉଛି । ଏଥିପାଇଁ ନବ ସାକ୍ଷରମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯିବା ଦ୍ୱାରା ଏବଂ ସେମାନଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଦ୍ୱାରା ସ୍ଥାନୀୟ ବାସିନ୍ଦାମାନଙ୍କ ଶକ୍ତି ଚାହିଦା ପୂରଣ ଦିଗରେ ସ୍ଥାନୀୟ ନବ ସାକ୍ଷରମାନେ ହିଁ ସମୟୋଚିତ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଇପାରିବେ । ଏହି ବ୍ୟାପାର ସହ ସଂପୃକ୍ତ ହେବା ଫଳରେ ସେମାନେ ମଧ୍ୟ ଗୋଟିଏ ଆୟକାରୀ ଜୀବିକାକୁ ଆପଣାଇ କରିବା ସଙ୍ଗେ ସଙ୍ଗେ ନିଜ ନିଜ କାର୍ଯ୍ୟଦକ୍ଷତାରେ ଅଭିବୃଦ୍ଧି ଘଟାଇବା ପାଇଁ ବରାବର ଯତ୍ନବାନ ହେବେ ।

ଆମେ ଜାଣୁ ଯେ, ଗାଁ ଗହଳରେ ରୋଷେଇ କରିବା ପାଇଁ ଜାଳେଣି ଯୋଗାଡ଼ କରିବା ଗୋଟିଏ କଷ୍ଟସାଧ୍ୟ ବ୍ୟାପାରରେ ପରିଣତ ହୋଇଛି । କାଠ ଚାହିଦା ପୂରଣ ପାଇଁ ଗ୍ରାମାଞ୍ଚଳର ବାସିନ୍ଦାମାନେ ଜଙ୍ଗଲାଞ୍ଚଳର ଉଚ୍ଛେଦ ଘଟାଇବାକୁ ବାଧ୍ୟ ହେଉଛନ୍ତି । ଜାଳେଣି କାଠ ଦିନକୁ ଦିନ ଦୁଷ୍ପ୍ରାପ୍ୟ ହେଉଥିବା ଯୋଗୁଁ ପରିବହନ ବ୍ୟବସ୍ଥାର ଉପଯୋଗ ବଳରେ ସୁଦୂର ସ୍ଥାନମାନଙ୍କରୁ ଅଣାଯାଉଥିବା କାଠର ଦର ଏତେ ଅଧିକ ହେଉଛି ଯେ, କେବଳ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଧନୀ ପରିବାରଗୁଡ଼ିକ ଏହି କାଠକୁ କିଣି ପାରୁଛନ୍ତି । ବର୍ତ୍ତମାନ ଏହି ଅଭାବର ଦୂରୀକରଣ ପାଇଁ ସାମାଜିକ ବନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି । ଏହି ଜଙ୍ଗଲମାନଙ୍କରେ ବିଶେଷଜ୍ଞମାନଙ୍କ ପରାମର୍ଶ କ୍ରମେ ଯେଉଁ ଗଛ ଲଗାଯାଉଛି, ସେଗୁଡ଼ିକ ସହଳ ସହଳ ବଢ଼ିପାରୁଛନ୍ତି । ଏଣୁ ନିର୍ଦ୍ଦିଷ୍ଟ ସମୟାନ୍ତରମାନଙ୍କରେ ଏହି ଜଙ୍ଗଲରୁ କଟା ଯାଉଥିବା କାଠକୁ ଯଥେଷ୍ଟ ଶସ୍ତା ଦରରେ ପାରିପାର୍ଶ୍ୱିକ ଅଞ୍ଚଳର ବାସିନ୍ଦାମାନଙ୍କୁ ଯୋଗାଇଦେବା ସମ୍ଭବ ହେଉଛି । ଆମ ଦେଶର ବିଭିନ୍ନ ଅଞ୍ଚଳରେ ଯେଉଁ ବର୍ଜିତ ଜମି ରହିଛି, ଏବେ ସେଗୁଡ଼ିକର ପୁନରୁଦ୍ଧାର ପାଇଁ ସାମାଜିକ ବନପ୍ରକଳ୍ପ ଭଳି ବିକଳ୍ପ ଲାଭପ୍ରଦ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ପାରିବାର ନିଶ୍ଚିତ ସମ୍ଭାବନା ସୃଷ୍ଟି ହୋଇଛି । ଉଦାହରଣ ସ୍ୱରୂପ, ଉଦ୍ଭିଦଠାରୁ ଇଞ୍ଜିନଚାଳିତ ଯାନଗୁଡ଼ିକ ପାଇଁ ଇନ୍ଧନ ପ୍ରସ୍ତୁତ କରାଯିବାର ପରିକଳ୍ପନାକୁ ବାସ୍ତବ ରୂପ ପ୍ରଦାନ କରିବା ପାଇଁ ଆମ ଦେଶର ପ୍ରବୀଣ ବୈଜ୍ଞାନିକମାନେ ଗବେଷଣା ବଳରେ କେତେକ ନିର୍ଦ୍ଦିଷ୍ଟ ପ୍ରକାର ଗଛକୁ ବାଛିଛନ୍ତି । ସେମାନେ ଜଣାଉଛନ୍ତି ଯେ, ବର୍ଜିତ ଜମିମାନଙ୍କରେ ଯଦି ଏହି ଧରଣର ଉଦ୍ଭିଦଗୁଡ଼ିକୁ ଚାଷ କରାଯାଏ, ତାହାହେଲେ ସଂପୃକ୍ତ ଚାଷୀମାନେ ବିଶେଷ ଲାଭବାନ ହୋଇପାରିବେ । ଏପରି ଭାବରେ ସୃଷ୍ଟ ଜଙ୍ଗଲ

Digitized by srujanika@gmail.com

ବ୍ୟାବହାରିକ ଦୃଷ୍ଟିରୁ 'ଶକ୍ତି-ଜଙ୍ଗଲ' ଭାବରେ କ୍ରିୟାଶୀଳ ହେବାର ଫଳ ସ୍ୱରୂପ ଆମ ଦେଶରେ ଘଟୁଥିବା ଖଣିଜ ତୈଳର ଅଭାବକୁ ଏହା କେତେକାଂଶରେ ପୂରଣ କରିପାରିବ । ଏହି ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ପାଇଁ ଏବେ ଆମ ଦେଶରେ ପ୍ରାଥମିକ ସ୍ତରୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଆମେ ଆଶା କରିବା ସ୍ୱାଭାବିକ ଯେ ଏପରି ଜଙ୍ଗଲାଞ୍ଚଳର ସୃଷ୍ଟି, ଏଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଏଗୁଡ଼ିକଠାରୁ ବ୍ୟବହାରଯୋଗ୍ୟ ଇନ୍ଧନର ଉତ୍ପାଦନ ଭଳି ବ୍ୟାପାରଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଦିଗରେ ନବସାକ୍ଷରମାନେ ବିଶେଷ ଫଳପ୍ରଦ ଭୂମିକା ଗ୍ରହଣ କରିବେ । ସେମାନଙ୍କୁ ଏଥିପାଇଁ ଠିକଣା ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯିବା ଦ୍ୱାରା ସେମାନେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଚାହିଦା ପୂରଣ ଦିଗରେ ସହାୟକ ହେବା ସଙ୍ଗେ ସଙ୍ଗେ ନିଜ ନିଜକୁ ଗୋଟିଏ ଆୟକାରୀ ଜୀବିକା ସହିତ ସମ୍ପୃକ୍ତ କରାଇବାକୁ ସମର୍ଥ ହେବେ ।

ଜଳାଭାବ ଆମ ଦେଶର ଚାଷୀମାନଙ୍କୁ ବରାବର ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ କରାଉଛି । ପ୍ରତି ବର୍ଷ ଆମ ଦେଶର ବିଭିନ୍ନ ଅଞ୍ଚଳରେ ମରୁଡ଼ି ଘଟୁଥିବାରୁ ଚାଷୀମାନେ ଦାରୁଣ ଦୁରବସ୍ଥାର ସମ୍ମୁଖୀନ ହେଉଛନ୍ତି । ଜଳାଭାବ ସ୍ଥଳ ବିଶେଷରେ ଏପରି ଉତ୍କଟ ଆକାର ଧାରଣ କରୁଛି ଯେ ପାନ କରିବା ପାଇଁ, ରୋଷେଇ କରିବା ପାଇଁ, ଗୃହପାଳିତ ପଶୁମାନଙ୍କ ଲାଳନ ପାଳନ ପାଇଁ ଚାହିଦା ମୁତାବକ

Digitized by srujanika@gmail.com

ଜଳ ମିଳୁନାହିଁ । ବର୍ଷା ଋତୁରେ ବୃଷ୍ଟିପାତ ଯୋଗୁଁ ଯେତିକି ପରିମାଣର ଜଳ ମିଳୁଛି ତାହା ପ୍ରାୟତଃ ଜଳସ୍ରୋତ ଆକାରରେ ବହିଯାଉଛି । ସେହି ଜଳକୁ ସଞ୍ଚୟ କରିବା ପାଇଁ କୌଣସି ବ୍ୟବସ୍ଥାକୁ ଠିକଣା ଭାବରେ କାର୍ଯ୍ୟକାରୀ କରାଯାଇ ନଥିବା ଯୋଗୁଁ ମରୁଡ଼ି ଘଟିବା ବେଳେ ଜଳାଭାବର ତୀବ୍ରତା ଶୋଚନୀୟ ରୂପ ଧାରଣ କରୁଛି । ଭୂଗର୍ଭସଞ୍ଚିତ ଜଳ ଭଣ୍ଡାରଗୁଡ଼ିକରେ ଜଳର ପତ୍ତନକୁ ଉନ୍ନୀତ କରାଇବା ପାଇଁ ତଥା ବର୍ଷ ସାରା ଦରକାର ହେଉଥିବା ଜଳକୁ ସଂଗ୍ରହ କରିବା ପାଇଁ କୌଣସି ବିଜ୍ଞାନସମ୍ମତ ବ୍ୟବସ୍ଥାକୁ ସ୍ଥାୟୀ ଭାବରେ କାର୍ଯ୍ୟକାରୀ କରାଯିବାର ଜରୁରୀକାଳୀନ ଆବଶ୍ୟକତାକୁ ହୃଦୟଙ୍ଗମ କରି ଆମ ଦେଶର କେନ୍ଦ୍ର ସରକାର ସାରା ଦେଶର ଉପଯୁକ୍ତ ଅଞ୍ଚଳମାନଙ୍କରେ ଜଳଛାୟା ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଦିଗରେ ଅଗ୍ରାଧିକାର ଆରୋପ କରୁଛନ୍ତି । ବନ୍ଧ ନିର୍ମାଣ ଜରିଆରେ ଜଳସଞ୍ଚୟ ପାଇଁ ଉପଯୁକ୍ତ ସ୍ଥାନଗୁଡ଼ିକୁ ବଛାଯାଉଛି ଏବଂ ବିଶେଷଜ୍ଞମାନେ ସ୍ଥାନୀୟ ବାସିନ୍ଦାମାନଙ୍କ ସହଯୋଗ ବଳରେ ଏପରି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଇ ପାରୁଛନ୍ତି । କହିବା ବାହୁଲ୍ୟ ଯେ, ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଓ ଏଠାରୁ ଶସ୍ୟକ୍ଷେତ୍ରଗୁଡ଼ିକୁ ଜଳର ସୁଷମ ବିତରଣ ପାଇଁ ଯେଉଁ ମାନବ ସମ୍ବଳର ଆବଶ୍ୟକତା ଉପୁଜୁଛି, ତାହାକୁ ପୂରଣ କରିବା ଦିଗରେ ନବ ସାକ୍ଷରମାନେ ବିଶେଷ ଫଳପ୍ରଦ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ।

ଆମେ ନିଜ ନିଜ ତିକ୍ତ ଅଭିଜ୍ଞତାରୁ ଜାଣିପାରୁଛୁ ଯେ ସ୍ଥଳଭାଗ, ଜଳଭାଗ ଓ ବାୟୁମଣ୍ଡଳର ପ୍ରଦୂଷଣ ଯୋଗୁଁ ଆମେ ଆତଙ୍କପ୍ରଦ ପରିସ୍ଥିତିର ସମ୍ମୁଖୀନ ହେଉଛୁ । ଜଙ୍ଗଲାଞ୍ଚଳର ବ୍ୟାପକ ଉଚ୍ଛେଦ ଘଟୁଥିବା ଯୋଗୁଁ ଆମ ଦେଶର ଜଳବାୟୁ ଓ ବିଭିନ୍ନ ଅଞ୍ଚଳର ସ୍ଥାନୀୟ ପାଣିପାଗ ବ୍ୟାପକ ଭାବରେ ପ୍ରଭାବିତ ହେଉଛି । ପୃଥିବୀର ଉଷ୍ଣତାରେ ଘଟୁଥିବା ଅଭିବୃଦ୍ଧି ଯୋଗୁଁ ଜଳବାୟୁରେ ଯେଉଁ ପରିବର୍ତ୍ତନ ଘଟୁଛି, ତଜ୍ଜନିତ ଆମେ ବାରମ୍ବାର ଝଡ଼, ତୋଫାନ, ବଢ଼ି, ମରୁଡ଼ି ଆଦି ପ୍ରାକୃତିକ ଦୁର୍ବିପାକଗୁଡ଼ିକର ସମ୍ମୁଖୀନ ହେଉଛୁ । ମନୁଷ୍ୟ ନିଜ କ୍ରମବର୍ଦ୍ଧମାନ କାମନା ପୂରଣ ପାଇଁ ଭୌତିକ ପରିବେଶ ଓ ପର୍ଯ୍ୟାବରଣକୁ ଯେପରି ପ୍ରଦୂଷିତ ଓ ଅସନ୍ତୁଳିତ କରୁଛି ଏବଂ ପୃଥିବୀ ବକ୍ଷରୁ ନିଜ ଅଜାଣତରେ ଦରକାରୀ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଯେପରି ଦ୍ରୁତ ହାରରେ ବଂଶନାଶ ଘଟାଉଛି, ତଜ୍ଜନିତ ପୃଥିବୀ ରୂପୀ ବସୁମାତା ବକ୍ଷରେ ଆମ ଦାୟାଦମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବା ହିଁ ସାର ହେଉଛି । ଆମେ ଆଜି ପର୍ଯ୍ୟନ୍ତ ଯେଉଁ ଉଦ୍ଭିଦ ଓ ପ୍ରାଣୀମାନଙ୍କ ସମ୍ପର୍କରେ କିଛି ଜାଣି ପାରିନାହୁଁ, ସେମାନଙ୍କ ବଂଶନାଶ ଘଟିବା ଫଳରେ ଭବିଷ୍ୟତରେ କ୍ରମସମୃଦ୍ଧ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଦୁପଯୋଗ ବଳରେ ସେଗୁଡ଼ିକୁ ମନୁଷ୍ୟର କଲ୍ୟାଣ ସାଧନ ଦିଗରେ ନିୟୋଜିତ କରାଯିବାର

Digitized by srujanika@gmail.com

ପଥ ଚିର କାଳ ପାଇଁ ଅବରୁଦ୍ଧ ହେଉଛି । ଏପରି ତିକ୍ତ ଅଭିଜ୍ଞତାର ବଶବର୍ତ୍ତୀ ହେବା ଫଳରେ ବର୍ତ୍ତମାନ ପରିପୋଷଣକାରିତାକୁ ଯୁଗାଦର୍ଶ ଭାବରେ ଆଦରି ନେବାର ଅନିବାର୍ଯ୍ୟ ଆବଶ୍ୟକତାକୁ ଆଉ ଉପେକ୍ଷା କରାଯିବାର ଅବକାଶ ନାହିଁ । ପରିପୋଷଣକାରିତା ରୂପୀ ଆଦର୍ଶକୁ ଆଧୁନିକ ବିଜ୍ଞାନସମ୍ମତ ପନ୍ଥା ଅବଲମ୍ବନରେ କାର୍ଯ୍ୟକାରୀ କରାଯିବା ଦ୍ୱାରା ଆମେ ପ୍ରକୃତିରୁ ଯେତିକି ଦରକାରୀ ଦ୍ରବ୍ୟ ସଂଗ୍ରହ କରିବା ତଦନୁପାତରେ ପ୍ରକୃତିକୁ ମଧ୍ୟ ପରିପୁଷ୍ଟ କରାଇବାକୁ ସମର୍ଥ ହେବା । ଏପରି କର୍ମାଭିମୁଖ୍ୟର ସୁପରିଣତି ସ୍ୱରୂପ ଆମ ଦାୟାଦମାନେ ପୃଥିବୀର ଜୀବମଣ୍ଡଳରେ ବିଦ୍ୟମାନ ସର୍ବବିଧ ମନୁଷ୍ୟେତର ପ୍ରାଣୀ ଓ ଉଦ୍ଭିଦମାନଙ୍କ ସହିତ ଭୂପୃଷ୍ଠରେ ସନ୍ତୁଳିତ ସହାବସ୍ଥାନ କରିବାକୁ ସମର୍ଥ ହେବେ । ଏହି ଯୁଗାଦର୍ଶର ବାସ୍ତବ ରୂପାୟନ ପାଇଁ ଆମେ ଯେଉଁ ପ୍ରକାର କର୍ମ-ପଦ୍ଧତିର ଅନୁଗାମୀ ହେବାର ଆବଶ୍ୟକତା ଉପୁଜୁଛି, ତତ୍‌ସମ୍ପର୍କୀୟ ଶିକ୍ଷା ଓ ତାଲିମ୍ ପ୍ରଦାନ ଦିଗରେ ବର୍ତ୍ତମାନ ଆଧୁନିକ ଶିକ୍ଷାଦାନ ବ୍ୟବସ୍ଥାରେ ଜ୍ଞାତବ୍ୟ ବିଷୟଗୁଡ଼ିକୁ ସାମିଲ କରାଯାଉଛି । ମାତ୍ର ଆମ ଦେଶର ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରାଇବା ବ୍ୟାପାରରେ ନବ ସାକ୍ଷରମାନେ ମଧ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ଅବକାଶ ରହିଛି । ଏଥିପାଇଁ ସେମାନଙ୍କୁ ବିଭିନ୍ନ ପ୍ରକାର ଶିକ୍ଷଣୀୟ ତଥା ଚିତ୍ତାକର୍ଷକ କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ଶିକ୍ଷା ଓ ତାଲିମ୍ ପ୍ରଦାନ କରାଯିବା ଦ୍ୱାରା ତଥା ସେମାନଙ୍କ ସହାୟତାରେ ଆମ ଦେଶର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ଚିତ୍ତାକର୍ଷକ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଦ୍ୱାରା ଜନମାନସରେ ପରିବେଶର ସୁରକ୍ଷା ଓ ସନ୍ତୁଳନ ପାଇଁ ଅନୁରାଗ ସୃଷ୍ଟି କରାଯିବା ସମ୍ଭବ ହେବ । ଆମ ଦେଶର ବାସିନ୍ଦାମାନେ ପରିପୋଷଣକାରିତାକୁ ଯୁଗାଦର୍ଶ ଭାବରେ ଗ୍ରହଣ କରି ଯଦି ନିଜ ନିଜ ବୃତ୍ତିକୁ ଦାୟିତ୍ୱସମ୍ପନ୍ନ ମାର୍ଗରେ କାର୍ଯ୍ୟକାରୀ କରାଇବାକୁ ସ୍ୱତଃ ପ୍ରବୃତ୍ତ ଭାବରେ ସ୍ଥିର କରନ୍ତି, ତାହାହେଲେ ଆଗାମୀ ଜ୍ଞାନାଶ୍ରୟୀ ଯୁଗରେ ଆମ ଦେଶର ବାସିନ୍ଦାମାନଙ୍କ ଜୀବନ ଧାରଣର ଚାହିଦା ପୂରଣ ପାଇଁ ପ୍ରକୃତିରୁ ଆବଶ୍ୟକୀୟ ଉପାଦାନଗୁଡ଼ିକୁ ପାଇ ପାରିବା ଦିଗରେ କୌଣସି ଅସୁବିଧା ଉପୁଜିବ ନାହିଁ ।

Digitized by srujanika@gmail.com

ଜ୍ଞାନାଶ୍ରୟୀ ଯୁଗର ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବା ବ୍ୟାପାରରେ ନବ ସାକ୍ଷରମାନଙ୍କ ଭୂମିକା

ଆଧୁନିକ ଯୁଗର ପ୍ରବୀଣ ବୁଦ୍ଧିଜୀବୀମାନେ ଜ୍ଞାନାଶ୍ରୟୀ ଯୁଗକୁ 'ତଥ୍ୟ, ଯୋଗାଯୋଗ ଓ ଚିତ୍ତ ବିନୋଦନ'ର ଯୁଗ ଭାବରେ ଆଖ୍ୟାୟିତ କରିଛନ୍ତି । ସେମାନଙ୍କ ସୁଚିନ୍ତିତ ବିଚାର ଅନୁଯାୟୀ ଏଣିକି ମନୁଷ୍ୟର ଦରକାରରେ ଆସିପାରିବା ଭଳି ତଥ୍ୟଗୁଡ଼ିକୁ ସୃଷ୍ଟି କରିବା ପାଇଁ ଏବଂ ସେଗୁଡ଼ିକୁ ବୋଧଗମ୍ୟ, ଉପଭୋଗ୍ୟ ଓ ପ୍ରସାରଣକ୍ଷମ ମାର୍ଗରେ ଉପସ୍ଥାପନା କରିବା ପାଇଁ; ତଥ୍ୟରାଜିକୁ ମନୁଷ୍ୟର ଇଚ୍ଛା ଅନୁଯାୟୀ ଯେ କୌଣସି ଦରକାରୀ ସମୟରେ ତାହାର ହାତ ପାହାନ୍ତାରେ ଦୃଶ୍ୟ ଓ ଶ୍ରାବ୍ୟ ମାଧ୍ୟମ ଜରିଆରେ ପହଞ୍ଚାଇ ଦେବା ଭଳି ଯୋଗାଯୋଗ ବ୍ୟବସ୍ଥାକୁ ସହଜ ବ୍ୟବହାରଯୋଗ୍ୟ ଓ ସୁଲଭ୍ୟ କରାଇବା ପାଇଁ; କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଭାସ୍କର୍ଯ୍ୟ, କ୍ରୀଡ଼ା ଆଦି ମନୁଷ୍ୟର ବିଭିନ୍ନ ଚିତ୍ତ ବିନୋଦନକାରୀ ବିଭାବଗୁଡ଼ିକୁ ତାହାର ରୁଚି ଅନୁକୂଳ ମାର୍ଗରେ ପରିବେଷଣ କରାଯିବା ଦିଗରେ ଉପଯୁକ୍ତ ଯାନ୍ତ୍ରିକ ଓ ଆନୁଷ୍ଠାନିକ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଉପଯୁକ୍ତ ଟେକ୍‌ନୋଲଜିଗୁଡ଼ିକର ସଦ୍‌ବ୍ୟବହାର କରାଯିବ । ବର୍ତ୍ତମାନ ଲକ୍ଷ୍ୟ କରାଯାଉଛି ଯେ, ମୌଳିକ ବିଜ୍ଞାନ ସମ୍ପର୍କୀୟ ଗବେଷଣା ଓ ପ୍ରଗତିମୂଳକ କାର୍ଯ୍ୟାନୁଷ୍ଠାନଗୁଡ଼ିକର ଅଗ୍ରଗତି ସତ ତାଳ ମିଳାଇ ବହୁବିଧ ତଥ୍ୟ-ଟେକ୍‌ନୋଲଜି, ଆଣବିକ ଜୀବବିଜ୍ଞାନ ନିର୍ଭରଶୀଳ ବହୁମୁଖୀ ଜୈବ ପ୍ରଯୁକ୍ତି ବିଦ୍ୟା, ନାନୋଟେକ୍‌ନୋଲଜି ବା ଅନୁପ୍ରଯୁକ୍ତି ବିଦ୍ୟାର ତ୍ୱରାନ୍ୱିତ ସମୃଦ୍ଧି ସାଧନ କରାଯାଉଛି ଏବଂ ବସ୍ତୁ ବିଜ୍ଞାନ ନିର୍ଭରଶୀଳ ନୂଆ ନୂଆ ଗୁଣସମ୍ପନ୍ନ ବସ୍ତୁଗୁଡ଼ିକର ସଂଶ୍ଳେଷଣ ଦିଗରେ ବିଶେଷ ପ୍ରାଧାନ୍ୟ ଆରୋପ କରାଯାଉଛି । ବହୁଶୃଙ୍ଖଳାଶ୍ରୟୀ ଗବେଷଣା ବଳରେ ଏହି ଟେକ୍‌ନୋଲଜିଗୁଡ଼ିକ ମଧ୍ୟରେ ଏପରି ବିଚକ୍ଷଣ ଅଭିସରଣ ଘଟାଯାଉଛି ଯେ ଆଗାମୀ ଯୁଗମାନଙ୍କରେ ଆମ ସଭ୍ୟତା ଓ ସଂସ୍କୃତିର ପ୍ରଗତିଶୀଳତାକୁ ଅବ୍ୟାହତ ରଖାଯିବା ସଙ୍ଗେ ସଙ୍ଗେ ଆମେ ଯେଉଁ ଯନ୍ତ୍ର, ଉପକରଣ ଓ ଦ୍ରବ୍ୟଗୁଡ଼ିକୁ ବ୍ୟବହାର କରି ଆମ୍ଭମାନଙ୍କର ସକଳ ଚାହିଦା ପୂରଣ କରିପାରିବା, ସେଥିପାଇଁ ଆମ ଭୌତିକ ପରିବେଶ ଓ ପର୍ଯ୍ୟାବରଣ ଅନୁଦ୍ଧରଣୀୟ ମାର୍ଗରେ ପ୍ରଦୂଷିତ ବା ଅସନ୍ତୁଳିତ ହେବାର ଆଶଙ୍କା ଉପୁଜିବ ନାହିଁ । ପୂର୍ବାଲୋଚିତ ପରିପୋଷଣକାରିତା ରୂପୀ କର୍ମାଭିମୁଖ୍ୟକୁ ବିକେନ୍ଦ୍ରୀକୃତ ମାର୍ଗରେ କାର୍ଯ୍ୟକାରୀ କରାଇବା ପାଇଁ ଏହି ସମୁନ୍ନତ ତଥା କ୍ରମୋନ୍ନତ ଟେକ୍‌ନୋଲଜିଗୁଡ଼ିକର ଅବଦାନଗୁଡ଼ିକୁ ଅପେକ୍ଷାକୃତ କମ୍ କଞ୍ଚାମାଲ ଓ ଯଥେଷ୍ଟ

Digitized by srujanika@gmail.com



କମ୍ ପରିମାଣର ଶକ୍ତି ବିନିମୟରେ ଏପରି ଶସ୍ତା, ସୁନ୍ଦର, ମଜବୁତ ଓ ସହଜ ବ୍ୟବହାରକ୍ଷମ ମାର୍ଗରେ ଉତ୍ପାଦନ କରାଯିବ ଯେ ଏଗୁଡ଼ିକର ସୃଷ୍ଟି ଓ ଉପଯୋଗ ଯୋଗୁଁ ଆମ ପରିବେଶ ଓ ପର୍ଯ୍ୟାବରଣର ସୁରକ୍ଷା ଓ ସନ୍ତୁଳନକୁ ଅତୁଟ ରଖାଯିବା ସମ୍ଭବ ହେବ ।

ସରକାରୀ ତଥ୍ୟଗୁଡ଼ିକୁ ସଂଗ୍ରହ କରିବା ଓ ସେଗୁଡ଼ିକୁ ବୋଧଗମ୍ୟ ଓ ଚିତ୍ତାକର୍ଷକ ମାର୍ଗରେ ଉପସ୍ଥାପନା କରିବା ସହିତ ବହୁବିଧ ବୃତ୍ତି ଜଡ଼ିତ ହୋଇଛି । ଠିକ୍ ସେହିପରି ତଥ୍ୟରାଜିର ପ୍ରସାର ପାଇଁ ଉଦ୍ଦିଷ୍ଟ ଟେକ୍‌ନୋଲଜିଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ବିଭିନ୍ନ ପ୍ରକାର ନୂଆ ନୂଆ ବୃତ୍ତିର ସର୍ଜନା ସମ୍ଭବ ହେଉଛି । ଚିତ୍ତ ବିନୋଦନ କ୍ଷେତ୍ରର ସମୃଦ୍ଧି ସାଧନ ପାଇଁ ବିଭିନ୍ନ ପ୍ରକାର ଯନ୍ତ୍ର ଓ ଉପକରଣଗୁଡ଼ିକୁ ବ୍ୟବହାର କରାଯିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଚିତ୍ତ ବିନୋଦନକାରୀ ବିଭାବର ବାସ୍ତବ ରୂପାୟନ ପାଇଁ ତଥା ତାହାର ପ୍ରସାରଣ ପାଇଁ ବିଭିନ୍ନ ବିଦ୍ୟାରେ ପାରଙ୍ଗମ ବ୍ୟକ୍ତିମାନଙ୍କ ସଂପୃକ୍ତି ଅନିବାର୍ଯ୍ୟ ହେଉଛି । ଯେଉଁମାନେ ନିଜ ନିଜ ରୁଚି, ଅର୍ଜିତ ଜ୍ଞାନ ଓ ଅଭିଜ୍ଞତା ବଳରେ ଏପରି ବୃତ୍ତିଗୁଡ଼ିକୁ ଜୀବିକା ରୂପେ ଆଦରି ନେବେ, ସେମାନେ ନିଶ୍ଚିତ ଭାବରେ ଆଜୀବନ ନିଜ ନିଜ କାର୍ଯ୍ୟଦକ୍ଷତାକୁ ଯୁଗୋପଯୋଗୀ କରାଇବାକୁ

Digitized by srujanika@gmail.com

ଚାହିଁବେ । ସେମାନେ ଯଦି ପରିବର୍ତ୍ତନଶୀଳ ସମାଜର ଚାହିଦା ପୂରଣ ଦିଗରେ ଅପାରଗ ହୁଅନ୍ତି, ତାହାହେଲେ ସେମାନେ ଅନିବାର୍ଯ୍ୟ ଭାବରେ ସମାଜର ହତାଦର ଭୋଗିବାକୁ ବାଧ୍ୟ ହେବେ । ଅର୍ଥାତ୍, ଏହି ଜ୍ଞାନାଶ୍ରୟୀ ବୃତ୍ତିଗୁଡ଼ିକ ସହ ସଂପୃକ୍ତ ବୈଜ୍ଞାନିକ, ପ୍ରଯୁକ୍ତି ବିଦ୍ୟା ବିଶେଷଜ୍ଞ, କାରିଗର, ସାହିତ୍ୟିକ, କଳାକାର, ଶିଳ୍ପୀ, ସଙ୍ଗୀତଜ୍ଞ, କ୍ରୀଡ଼ାବିତ୍, ସ୍ଥାପତ୍ୟବିଦ୍, ପ୍ରଶାସକ, ପରିଚାଳକ ଆଦି ପୁରୁଷ ଓ ମହିଳାମାନେ ଶିକ୍ଷାକୁ ଜୀବନ ବ୍ୟାପି ଶିକ୍ଷାରେ ପରିଣତ କରିବା ପୂର୍ବକ ନିଜ ନିଜ କର୍ମମୟ ଜୀବନରେ ଉପଭୋକ୍ତାମାନଙ୍କ ପରିବର୍ତ୍ତନଶୀଳ ଚାହିଦାଗୁଡ଼ିକୁ ପୂରଣ କରିବା ଦିଗରେ ଯତ୍ନବାନ୍ ହେବେ ।

ଆମେ ଯଦି ଜ୍ଞାନାଶ୍ରୟୀ ଯୁଗର ଏବଂବିଧ ବିପ୍ଳବାତ୍ମକ ଆହ୍ୱାନକୁ ବିଚାରକୁ ନେଇ ଆଜଠୁଁ ଆମ ଦେଶରେ ଏ ପ୍ରକାର ମାନବ ସମ୍ବଳ ସୃଷ୍ଟି କରିବାକୁ ଚାହିଁବା, ତାହାହେଲେ ଆମ ଦେଶର ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ବର୍ତ୍ତମାନ ଯେଉଁ ଅନମନୀୟ ବ୍ୟବସ୍ଥାଗୁଡ଼ିକୁ ବିଶୃଙ୍ଖଳିତ ମାର୍ଗରେ କାର୍ଯ୍ୟକାରୀ କରାଯାଉଛି, ସେଥିରେ ବ୍ୟାପକ ପରିବର୍ତ୍ତନ ଘଟାଇବାକୁ ହେବ । ବୈଷୟିକ ଯୁଗର ଶିକ୍ଷାଦାନ ପଦ୍ଧତି କେବେହେଲେ ଜ୍ଞାନାଶ୍ରୟୀ ତଥା ବୈଷୟିକୋତ୍ତର ଯୁଗର ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ସମ୍ୟକ୍ ଜ୍ଞାନ ବିତରଣ କରିପାରିବ ନାହିଁ । ବିଭିନ୍ନ ବୃତ୍ତି ସହ ଜଡ଼ିତ ବିଭିନ୍ନ ବିଷୟରେ ଜ୍ଞାନାର୍ଜନ ପାଇଁ ଯେଉଁ ଶିକ୍ଷା ଓ ତାଲିମ୍ ପ୍ରଦାନକାରୀ ଅନୁଷ୍ଠାନଗୁଡ଼ିକୁ ପୂର୍ବରୁ ପ୍ରତିଷ୍ଠା କରାଯାଇଛି (ଏବଂ ଭବିଷ୍ୟତରେ ବହୁ ସଂଖ୍ୟାରେ ପ୍ରତିଷ୍ଠା କରାଯିବ) ସେଗୁଡ଼ିକୁ ନମନୀୟ ତଥା ଉନ୍ମୁକ୍ତ ସଂସ୍ଥିତି ଭାବରେ କ୍ରିୟାଶୀଳ କରାଯିବ । ଏତଦ୍ୱାରା ହିଁ ବୟସ ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ନିଜ ଚାହିଦା ଅନୁଯାୟୀ ନିଜ ବୃତ୍ତିରେ ଅଧିକରୁ ଅଧିକ ପାରଦର୍ଶିତା ପ୍ରଦର୍ଶନ ପାଇଁ କୌଣସି ଶିକ୍ଷା ବା ତାଲିମ୍ ପ୍ରଦାନକାରୀ ଅନୁଷ୍ଠାନରୁ ସମୟୋପଯୋଗୀ ଜ୍ଞାନ ଅର୍ଜନ କରିବାର ସୁବିଧା ଉପଭୋଗ କରିପାରିବେ ।

ସରକାରୀ ପୃଷ୍ଠପୋଷକତା ବଳରେ, ବେସରକାରୀ ସେବାକାରୀ ଅନୁଷ୍ଠାନଗୁଡ଼ିକ ଆନୁକୂଲ୍ୟରେ କିମ୍ବା ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକର ବଦାନ୍ୟତା ବଳରେ ଆମ ଦେଶରେ ଯେଉଁ ସାଧାରଣ ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ପ୍ରଦାନକାରୀ ଅନୁଷ୍ଠାନଗୁଡ଼ିକୁ ପ୍ରତିଷ୍ଠା କରାଯାଇଛି (ଓ କରାଯିବ), ସେଗୁଡ଼ିକ ସମାଜର କଲ୍ୟାଣସାଧନକାରୀ ମାନବ ସମ୍ବଳ ସୃଷ୍ଟି କରିବା ଦ୍ୱାରା ହିଁ ଆମ ଦେଶର ସର୍ବାଙ୍ଗୀନ ପ୍ରଗତି ସାଧନର ପଥ ସୁଗମ୍ୟ ହୋଇପାରିବ । ନବ ସାକ୍ଷରମାନେ ଯେକୌଣସି ବୃତ୍ତିକୁ ନିଜ ଜୀବିକା ଭାବରେ ଆଦରି ନେଲେ ମଧ୍ୟ ଯଦି ସେମାନେ ବରାବର ନିଜ ନିଜକୁ ପରିବର୍ତ୍ତନଶୀଳ ଯୁଗ ରୁଚି ଅନୁଯାୟୀ କର୍ମତତ୍ପର କରାଇ

Digitized by srujanika@gmail.com

ପାରନ୍ତି, ତାହାହେଲେ ହିଁ ସେମାନେ ଜ୍ଞାନାଶ୍ରୟୀ ଯୁଗର ଆହ୍ୱାନଗୁଡ଼ିକର ଯଥାର୍ଥ ମୁକାବିଲା ଦିଗରେ ନିଜ ନିଜର ଅବଦାନ ଯୋଗାଇ ପାରିବେ । ଆମ ଦେଶରେ ଆମେ ଯଦି ଏହି ଯୁଗ-ଆହ୍ୱାନକୁ ବିଚାରକୁ ନେଇ ଆଜହୁଁ ଆମ ଦେଶର ବିପୁଳ ସଂଖ୍ୟକ ନବ ସାକ୍ଷରମାନଙ୍କ ପାଇଁ ଏପରି ବୌଦ୍ଧିକ ପରିବେଶ ସୃଷ୍ଟି କରିପାରିବା, ତାହାହେଲେ ଭବିଷ୍ୟତରେ ଏମାନେ ମଧ୍ୟ ଆମ ଦେଶରେ ତଥା ପୃଥିବୀର ଇତର ଦେଶଗୁଡ଼ିକରେ ପ୍ରଗତିଶୀଳତାକୁ ଅବ୍ୟାହତ ରଖିବା ପାଇଁ ଦରକାର ହେଉଥିବା ମାନବ ସମ୍ବଳର ଆବଶ୍ୟକତାକୁ ଠିକଣା ଭାବରେ ପୂରଣ କରିପାରିବେ ।

Digitized by srujanika@gmail.com

ଉପସଂହାର

ଆମ ଦେଶ ସ୍ୱାଧୀନ ହେବା ପରଠାରୁ ଆମ ଦେଶରୁ ଯଥାଶୀଘ୍ର ନିରକ୍ଷରତାର ଅପସାରଣ କରାଯିବାର ନିଷ୍ପତ୍ତିକୁ ନୀତିଗତ ଭାବରେ ଗ୍ରହଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସେହି ମହନୀୟ ଲକ୍ଷ୍ୟଟିକୁ ପୂରଣ କରାଯିବା ସମ୍ଭବ ହୋଇନାହିଁ । ସହସ୍ରାବ୍ଦୀୟ ବିକାଶ-ଲକ୍ଷ୍ୟ ଆନୁକୂଲ୍ୟରେ ପୃଥିବୀର ରାଷ୍ଟ୍ରସମୂହ ୨୦୧୫ ମସିହା ସୁଦ୍ଧା ପୃଥିବୀ ବକ୍ଷରୁ ନିରକ୍ଷରତାର ଅପସାରଣ ପାଇଁ ଅବଶ୍ୟ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ମାତ୍ର ଚଳନ୍ତି ଘଟଣା ପ୍ରବାହରୁ ଲକ୍ଷ୍ୟ କରାଯାଉଛି ଯେ—ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାର ବହୁ ଦେଶରେ 'ସମସ୍ତଙ୍କ ପାଇଁ ଶିକ୍ଷା' ଶୀର୍ଷକ ମହନୀୟ ଲକ୍ଷ୍ୟଟିକୁ ୨୦୧୫ ମସିହା ସୁଦ୍ଧା କାର୍ଯ୍ୟକାରୀ କରାଯିବା ସମ୍ଭବ ହେବନାହିଁ । ଏଥିପାଇଁ ଯେଉଁ ଆର୍ଥିକ ସମ୍ବଳର ଆବଶ୍ୟକତା ଉପୁଜୁଛି ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକ ତାହାକୁ ସହଜରେ ଯୋଗାଇ ପାରିବାର ସମ୍ଭାବନା ଥିଲେ ମଧ୍ୟ ସେମାନେ ଏପରି ପୃଷ୍ଠପୋଷକତା ବ୍ୟାପାରରେ ଟାଳଟୁଳ ନୀତି ଅନୁସରଣ କରୁଛନ୍ତି । ଏପରି ପରିସ୍ଥିତିରେ ଆମ ଦେଶରେ 'ସର୍ବଶିକ୍ଷା ଅଭିଯାନ' ଶୀର୍ଷକ କାର୍ଯ୍ୟକ୍ରମକୁ ଏବେ ସାରା ଦେଶରେ କାର୍ଯ୍ୟକାରୀ କରାଯାଉଛି ଏବଂ ଆଶା କରାଯାଉଛି ଯେ, ଏତଦ୍ଵାରା ଆମ ଦେଶର ପ୍ରତ୍ୟେକ ପିଲାକୁ ଅନ୍ତତଃ ପ୍ରାଥମିକ ସ୍ତରୀୟ ଶିକ୍ଷା ପ୍ରଦାନ କରାଯିବା ସମ୍ଭବ ହେବ । ମାତ୍ର ସୀମିତ ସମ୍ବଳର ଉପଯୋଗ ସତ୍ତ୍ୱେ ଏହି ଅଭିଯାନର କାର୍ଯ୍ୟକାରିତା ଯୋଗୁଁ ପିଲାମାନଙ୍କୁ ଯେଉଁ ଶିକ୍ଷା ପ୍ରଦାନ କରାଯାଉଛି, ତାହା ଆଶାନୁରୂପ ମାର୍ଗରେ ଲକ୍ଷ୍ୟ ପ୍ରଣୋଦିତ ହୋଇପାରୁ ନାହିଁ । ଗୁଣାତ୍ମକ ଶିକ୍ଷାର ପ୍ରସାର ପରିବର୍ତ୍ତେ କେବଳ ଶିକ୍ଷା ପ୍ରାପ୍ତ ପିଲାମାନଙ୍କ ସଂଖ୍ୟାକୁ ବଢ଼ାଇଦେବା ଦିଗରେ ବିଜ୍ଞାପନସର୍ବସ୍ୱ ମନୋବୃତ୍ତିକୁ ସୁବିଧାବାଦୀ ଢାଞ୍ଚାରେ କାର୍ଯ୍ୟକାରୀ କରାଯିବା ହିଁ ସାର ହେଉଛି । ଏବେ ମଧ୍ୟ ଯେଉଁମାନେ କୌଣସି ମତେ ଆନୁଷ୍ଠାନିକ ଶିକ୍ଷା ପ୍ରାପ୍ତ ହେବା ପାଇଁ ବିଦ୍ୟାଳୟକୁ ଯାଉଛନ୍ତି, ସେମାନଙ୍କ ମଧ୍ୟରୁ ବିପୁଳାଂଶ ମାଧ୍ୟମିକ ଶିକ୍ଷା ଗ୍ରହଣ କରୁଥିବାର ମଧ୍ୟବର୍ତ୍ତୀ ଅବସ୍ଥାରେ ପାଠପଢ଼ା ଛାଡ଼ି ଦେଉଛନ୍ତି । ଏହି ଅଧାପାଠୁଆମାନେ ନିଜ ସୀମିତ ଅର୍ଜିତ ଜ୍ଞାନ ବଳରେ ନିଜ ପାଇଁ କୌଣସି ଆୟକାରୀ ଧନ୍ଦା ଯୋଗାଡ଼ କରିବାକୁ ଅସମର୍ଥ ହେଉଛନ୍ତି । ସମୟକ୍ରମେ ଏମାନଙ୍କ ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ହେଉଥିବାରୁ ଏବଂ ନିଜ ନିଜର ଖର୍ଚ୍ଚ ମେଣ୍ଟାଇବା ପାଇଁ ଦାରୁଣ ଅର୍ଥାଭାବର ସମ୍ମୁଖୀନ ହେଉଥିବା ଯୋଗୁଁ ଏମାନେ ବିଭିନ୍ନ ପ୍ରକାର ଅସାମାଜିକ ବ୍ୟାପାରରେ

Digitized by srujanika@gmail.com

ସଂପୃକ୍ତ ହେବାକୁ ବାଧ୍ୟ ହେଉଛନ୍ତି । ସ୍ଥଳ ବିଶେଷରେ ହତାଶା ଓ ହୀନମନ୍ୟତାର ଶିକାର ହୋଇଥିବା ଏହି ପିଲାମାନଙ୍କୁ ସମାଜର ଖଳମତି ବ୍ୟକ୍ତିମାନେ ବା ଧର୍ମାନ୍ଧ ବ୍ୟକ୍ତିମାନେ ହିଂସାତ୍ମକ ବ୍ୟାପାରଗୁଡ଼ିକ ସହ ଜଡ଼ିତ କରାଉଛନ୍ତି । ଶିକ୍ଷାଦାନ ପଦ୍ଧତିକୁ ସାମାଜିକ ସଙ୍ଗତିସମ୍ପନ୍ନ ଓ ଆନନ୍ଦମୟ କରାଯାଇନଥିବା ଯୋଗୁଁ ଦୁଃସ୍ଥ ପରିବାରର ଅଭିଭାବକମାନେ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ବ୍ୟାପାରରେ ଅପାରଗ ହେଉଛନ୍ତି । କେତେକ ଅଭିଭାବକ ମଧ୍ୟ ପିଲାମାନଙ୍କୁ ବାଳ ଶ୍ରମିକ ଭାବରେ ନିଯୁକ୍ତ କରାଇ ପରିବାରର ଆୟ ବଢ଼ାଇବାକୁ ଶ୍ରେୟସ୍କର ମଣୁଛନ୍ତି । ଏପରି ସାମ୍ପ୍ରତିକ ପରିସ୍ଥିତିରେ ଏହି ଅଧାପାଠୁଆମାନଙ୍କୁ ନବ ସାକ୍ଷରମାନଙ୍କ ସହିତ ସାମିଲ କରାଯିବା ଅଯୌକ୍ତିକ ବୋଧ ହେଉନାହିଁ ।

ପ୍ରାସଙ୍ଗିକତା ପରିପ୍ରେକ୍ଷୀରେ ଏଠାରେ ଆମେ ଠିକଣା ଭାବରେ ବୁଝିବାର କଥା ଯେ, ଆମ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିବେଶ ଏପରି ବିଶୃଙ୍ଖଳ ଓ ବ୍ୟଭିଚାରଗ୍ରସ୍ତ ରୂପ ଧାରଣ କରିଛି ଯେ, ଆମେ ଆମ ଦେଶର ଭବିଷ୍ୟତ ନିର୍ଦ୍ଧାରଣକାରୀ ଆମ ପିଲାମାନଙ୍କ ଉପଯୁକ୍ତ ଯତ୍ନ ନେବାକୁ ଅସମର୍ଥ ହୋଇଛୁ । ଏପରି ପିଲାମାନେ ମଧ୍ୟ କୌଣସି ନା କୌଣସି ପ୍ରକାର ନିଜସ୍ୱ ପ୍ରତିଭାର ଅଧିକାରୀ ହୋଇଛନ୍ତି । ଏମାନଙ୍କଠାରେ ଯଥେଷ୍ଟ ବୁଦ୍ଧି ଅଛି । ଆମେ ଦେଖୁଛୁ ଯେ, ଏମାନଙ୍କ ମଧ୍ୟରୁ କେତେକ ବାଳଶ୍ରମିକ ଭାବରେ ନିଯୁକ୍ତ ହୋଇ ଯେ କୌଣସି ପ୍ରକାରର ଇଞ୍ଜିନଚାଳିତ ଯାନ, ଇଲେକ୍‌ଟ୍ରୋନିକ୍ ଉପକରଣ ଓ ବୈଦ୍ୟୁତିକ ଯନ୍ତ୍ରପାତିକୁ ସାମାନ୍ୟ ତାଲିମ୍ ପାଇବା ପରେ ମରାମତି କରିପାରୁଛନ୍ତି । ଯେ କୌଣସି ସମୁନ୍ନତ ଟେକ୍ନୋଲୋଜିର କରାମତିକୁ ଏହି ପିଲାମାନେ ଅନାୟାସରେ ବୁଝିପାରୁଛନ୍ତି । ଏଣୁ ଜ୍ଞାନାଶ୍ରୟୀ ଯୁଗରେ ଦରକାରୀ ତଥ୍ୟରାଜିର ତଥା ଜ୍ଞାନରାଶିର ବିତରଣ ପାଇଁ ଯେଉଁ ସାର୍ବତ୍ରିକ ତଥା ସୁଲଭ୍ୟ ଅବସ୍ଥାପନାଗୁଡ଼ିକୁ ସୃଷ୍ଟି କରାଯାଉଛି, ସେଗୁଡ଼ିକର ସଦୁପଯୋଗ ବଳରେ ଯଦି ଆମେ ଆମ ଦେଶର ଶିକ୍ଷା ଓ ତାଲିମ୍ ପ୍ରଦାନକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାଦାନ ବ୍ୟବସ୍ଥାର ଗୁଣାତ୍ମକ ମାନକୁ ଆବର୍ଦ୍ଧିତ କରାଇ ପାରିବା ଏବଂ ପ୍ରଶିକ୍ଷଣ ପଦ୍ଧତିକୁ ପିଲାମାନଙ୍କଠାରେ ଜ୍ଞାନଲିପ୍‌ସାକୁ ଉଜ୍ଜୀବିତ କରାଇବା ଦିଗରେ ଆନନ୍ଦମୟ ଓ ଚିତ୍ତାକର୍ଷକ କରାଇପାରିବା, ତାହାହେଲେ ସେମାନେ ଶିକ୍ଷାପ୍ରାପ୍ତ ହେବା ପାଇଁ ନିଶ୍ଚିତ ଭାବରେ ଆଗ୍ରହୀ ହେବେ । ପୁଣି ଯଦିବା ଏପରି ଉଚ୍ଚ ଗୁଣାତ୍ମକ ମାନସମ୍ପନ୍ନ ଶିକ୍ଷାପ୍ରାପ୍ତ କୌଣସି ପିଲା ଅଧାରୁ ପାଠପଢ଼ା ଛାଡ଼ି ଦିଅନ୍ତି, ତାହାହେଲେ ମଧ୍ୟ କର୍ମମୟ ଜୀବନରେ ସେହି ବିଦ୍ୟାନୁରାଗୀ ପିଲା 'ଜୀବନ ବ୍ୟାପି ଶିକ୍ଷା' ରୂପୀ ଆଦର୍ଶର ଅନୁଗାମୀ ହେବା ପାଇଁ ସ୍ୱତଃପ୍ରବୃତ୍ତ ଭାବରେ ଆଗ୍ରହୀ ହେବ । ଏତଦ୍ୱାରା ହିଁ

Digitized by srujanika@gmail.com

ଆମେ ଆମ ଜାତୀୟ ପ୍ରତିଭାର ସଦୁପଯୋଗ କରିପାରିବା । ଆମ ଦେଶର ସରକାରୀ କର୍ତ୍ତୃପକ୍ଷ ଓ ଅମଲାତନ୍ତ୍ର ଏହି ଶିକ୍ଷାଦାନ ବ୍ୟବସ୍ଥା ସହିତ କୌଣସି ପ୍ରକାରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ନହୋଇ ଯଦି କେବଳ ସୁବିଧା ପ୍ରଦାନକାରୀ ଭୂମିକାଟିକୁ ବସ୍ତୁନିଷ୍ଠ ମାର୍ଗରେ କାର୍ଯ୍ୟକାରୀ କରାଇପାରନ୍ତି ଏବଂ ଯଦି ଶିକ୍ଷା ବ୍ୟବସ୍ଥାକୁ ସଂକୀର୍ଣ୍ଣ ଦଳୀୟ ରାଜନୀତି ଓ ଅମଲାତାନ୍ତ୍ରିକ କାରାସାଦିଠାରୁ ସମ୍ପୂର୍ଣ୍ଣ ମୁକ୍ତ ରଖାଯିବା ସମ୍ଭବ ହୁଏ, ତାହାହେଲେ ଆମ ଦେଶର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବା ପାଇଁ ଜ୍ଞାନାଶ୍ରୟୀ ଯୁଗରେ ସ୍ୱଦେଶୀ ମାନବ ସମ୍ବଳର ଅଭାବ ଘଟିବ ନାହିଁ ।

Digitized by srujanika@gmail.com

ଜନ୍ମ ୧୯୩୯ ମସିହା । ୧୯୬୦ ମସିହାରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗରେ ସେହି ବର୍ଷଠାରୁ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଭାବରେ କର୍ମମୁଖର ଜୀବନର ଶୁଭାରମ୍ଭ । ୧୯୮୪ ମସିହାଠାରୁ ଶିକ୍ଷା ବିଭାଗର ପ୍ରଶାସକ ଭାବରେ ବିଭିନ୍ନ ଗୁରୁଦାୟିତ୍ୱ ଗୁଡ଼ିକର ସମ୍ପାଦନା, ଯଥା- ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ, ରେଭେନ୍ସା ମହାବିଦ୍ୟାଳୟର ଉପାଧ୍ୟକ୍ଷ, ରାଉରକେଲା ସରକାରୀ କଲେଜର ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଭାଇସଚେୟାରମ୍ୟାନ, ମାଧ୍ୟମିକ ଶିକ୍ଷା ପରିଷଦର ସେକ୍ରେଟାରୀ, ଉପସଭାପତି ଓ ସଭାପତି ଏବଂ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ । ୧୯୯୭ ମସିହାରେ ସରକାରୀ ଚାକିରିରୁ ଅବସର ପ୍ରାପ୍ତି ପରେ ଦୁଇ ବର୍ଷ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ଭାବରେ ଅବସ୍ଥାପିତ ।

ପୁସ୍ତକ ସଂଗ୍ରହ, ପୁସ୍ତକ ପଠନ ଓ ପୁସ୍ତକ ରଚନା ହିଁ ପ୍ରଫେସର ମିଶ୍ରଙ୍କର ଏକମାତ୍ର ବୌଦ୍ଧିକ ବିଳାସ । ନିଜ ଗନ୍ଥାଗାରରେ ସମୟ ବିତାଇବାକୁ ହିଁ ସେ ସୁଖପ୍ରଦ ମଣନ୍ତି । ବିଜ୍ଞାନର ଇତିହାସ ଓ ଦର୍ଶନ, ବୈଜ୍ଞାନିକମାନଙ୍କ ଜୀବନୀ, ବିଜ୍ଞାନ ଜଗତର ଅବିସ୍ମରଣୀୟ ଆବିଷ୍କାର ଓ ଉଦ୍ଭାବନ ଏବଂ ବିଜ୍ଞାନ ଓ ସମାଜ ତଥା ପ୍ରଗତିଶୀଳ ବିଷୟଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା ସମ୍ପର୍କରେ ସେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଶତାଧିକ ପୁସ୍ତକ ରଚନା କରିଛନ୍ତି । ଏବେ ମଧ୍ୟ ତାଙ୍କ ଅବିରତ ବୌଦ୍ଧିକ ପ୍ରୟାସ ପୂର୍ବବତ ଅମ୍ଳାନ ରହିଛି ।

Digitized by srujanika@gmail.com